# ବିପଦମୁହାଁ ନାଗାବଳୀ, ଖସୁଛି ଭୂତଳ ଜଳସ୍ତର

ରାୟଗଡ଼ା,୮।୪(ଆଶିଷ ରଞ୍ଜନ ପଣ୍ଡା)


ନାଗାବଳୀ ନଦୀ ।

- ବାଲି ଉତ୍ତୋଳନ ଯୋଗୁ ଗତିପଥ ପରିବର୍ତ୍ତନ କରୁଛି ନଦୀ
- ତଳମୁଣ୍ଡରେ ଆନ୍ଧ୍ର ନିର୍ମାଣ କରିଛି ୨ ଜଳସେଚନ ପ୍ରକଳ୍ପ
- ୫ ବର୍ଷ ପରେ ଜିଲାରେ ଦେଖାଦେଇପାରେ ଜଳ ସଙ୍କଟ

ରାୟଗଡ଼ା ଜିଲାର ଜୀବନରେଖା ହେଉଛି ଚିରସ୍ରୋତା ନାଗାବଳୀ । ଏହାର ଉତ୍ପତ୍ତି ନିୟମଗିରି ପାହାଡ଼ରୁ ହୋଇଥିଲେ ହେଁ ଅନାଦି କାଳରୁ ଜିଲାବାସୀଙ୍କ ଜୀବନର ଆଧାର ପାଲଟିଛି । କୃଷିକ୍ଷେତ୍ରଠାରୁ ଆରମ୍ଭକରି ଜନସାଧାରଣଙ୍କ ଶୋଷ ମେଣ୍ଟାଇବାରେ ପ୍ରମୁଖ ଭୂମିକା ଗ୍ରହଣ କରିଛି ନାଗାବଳୀ। ହେଲେ ନାଗାବଳୀ ନଦୀ ଏବେ ବିପଦ ଆଡ଼କୁ ଗତି କରୁଛି । କିଛିବର୍ଷ ପୂର୍ବେ ଖରା ଦିନରେ ମଧ୍ୟ ନଦୀରେ ୩ ଫୁଟରୁ ଅଧିକ ପାଣି ରହୁଥିଲା, ହେଲେ ଏବେ ଆନ୍ଧ୍ରପ୍ରଦେଶ ମଛଲିପଟନମ ପର୍ଯ୍ୟନ୍ତ ଶୁଖିଲା ପଡ଼ିଛି । ଯଦି ଏଭଳି ସ୍ଥିତି ଲାଗି ରହେ ତେବେ ଆଗାମୀ ଦିନରେ ଚାଷ ତ ଦୂରର କଥା, ଲୋକଙ୍କୁ ପିଇବା ପାଇଁ ପାଣି ଟୋପାଏ ମିଳିବା ମଧ୍ୟ ମୁସ୍କିଲ ହୋଇପଡ଼ିବ ବୋଲି ଆଲୋଚନା ହେଉଛି।

ନାଗାବଳୀ ନଦୀ କଲ୍ୟାଣସିଂହପୁର, କୋଲନରା ଓ ରାୟଗଡ଼ା ବ୍ଲକର ବିଭିନ୍ନ ଗ୍ରାମାଞ୍ଚଳ ଓ ରାୟଗଡ଼ା ସହରକୁ ପିଇବା ପାଣି ଯୋଗାଉଛି । ଆନ୍ଧ୍ରପ୍ରଦେଶର କିଛି ଅଞ୍ଚଳବାସୀ ମଧ୍ୟ ପାନୀୟ ଜଳ ପାଇଁ ନାଗାବଳୀ ଉପରେ ନିର୍ଭର କରିଥାନ୍ତି । ତେବେ ବେଆଇନ ଭାବେ ମେଶିନ ଲଗାଇ ନଦୀ ଗର୍ଭରୁ ବାଲି ଓ ପଥର ଉତ୍ତୋଳନ ଯୋଗୁ ନଦୀ ଶୁଖିବା ସହ ଗତିପଥ ପରିବର୍ତ୍ତନ କରୁଛି। କେବଳ ଲୋକ ଦେଖାଣିଆ ପାଇଁ ବିଭାଗୀୟ ଅଧିକାରୀମାନେ ବେଳେ ବେଳେ କିଛି ଟ୍ରାକ୍ଟରକୁ ଅଟକାଇ ଜରିମାନା ଆଦାୟ କରିଥାନ୍ତି । ହେଲେ ପରବର୍ତ୍ତୀ ସମୟରେ ପୁଣି ସେହି ଅବସ୍ଥା । ବିଶେଷକରି କୁମୁଟିପେଣ୍ଟ, କୋଟାପେଟା, ମାଲିଗାଁ, ଜେକେପୁର, ରାୟଗଡ଼ା ସହର, ପାରତାପୁର, ଶେଷଖାଲ, କେରେଡ଼ା ଆଦି ସ୍ଥାନରେ ବାଲି ଉତ୍ତୋଳନ କରାଯାଇ ଆନ୍ଧ୍ର ଓ ପଡ଼ୋଶୀ ଜିଲାକୁ ଚାଲାଣ କରାଯାଉଛି। ଅନ୍ୟପକ୍ଷରେ ବର୍ଷାଋତୁରେ ଭୂସ୍ଖଳନ ଘଟି ନଦୀର ଓସାର ବଢ଼ି ଚାଲିଥିବାରୁ ପାଣି ସ୍ଥିର ନ ରହି ଦିଗ ପରିବର୍ତ୍ତନ କରୁଥିବା କୁହାଯାଉଛି । ଏହିସବୁ କାରଣରୁ ନାଗାବଳୀ ନଦୀ ବିପଦମୁହଁକୁ ଠେଲି ହୋଇଯାଉଥିବା ପରିବେଶବିତ୍‌ମାନେ କହିଛନ୍ତି। ଅନ୍ୟପକ୍ଷରେ ନଦୀଜଳ ପରିଚାଳନାରେ ଓଡ଼ିଶା ସରକାରଙ୍କ ଅବହେଳା ଯୋଗୁ ଏହାର ଫାଇଦା ଉଠାଉଛି ଆନ୍ଧ୍ର। ଆନ୍ଧ୍ରପ୍ରଦେଶରେ ନଦୀର ତଳମୁଣ୍ଡରେ ମନଇଚ୍ଛା ୨ଟି ବୃହତ୍ ଜଳସେଚନ ପ୍ରକଳ୍ପ ନିର୍ମାଣ ହେଉଛି । ଆନ୍ଧ୍ରପ୍ରଦେଶସ୍ଥିତ ତୋଟାପଲି ପ୍ରକଳ୍ପ ନାଗାବଳୀର ସର୍ବାଧିକ ପାଣି ବ୍ୟବହାର କରୁଛି । ବର୍ଷା ଓ ଶୀତଋତୁରେ ପ୍ରବାହିତ ଜଳକୁ ସଂରକ୍ଷଣ କରାଯାଇ ଖରାଦିନେ ଏହା ଚାଷ ପାଇଁ ଆନ୍ଧ୍ର ସରକାର ବ୍ୟବହାର କରୁଛନ୍ତି । ଏହାବ୍ୟତୀତ ଅନେକ ଛୋଟ ପ୍ରକଳ୍ପ ମଧ୍ୟ ଆନ୍ଧ୍ର ସରକାର ଏହି ନଦୀରେ ନିର୍ମାଣ କରିଛନ୍ତି, ଯାହାକି ନଦୀ ଶୁଖିବାରେ ଅନ୍ୟ ଏକ କାରଣ ପାଲଟିଛି।

ଚଳିତ ବର୍ଷ ନଦୀ ଶୁଖିଯିବା କାରଣରୁ ରବିଋତୁରେ କୃଷି ପ୍ରଭାବିତ ହୋଇଛି । କାରଣ ନଦୀରେ ପାଣି ନ ଥିବା ଯୋଗୁ ଉଠା ଜଳସେଚନ ପଏଣ୍ଟଗୁଡ଼ିକ କାର୍ଯ୍ୟକ୍ଷମ ହୋଇପାରୁନାହିଁ। ଫଳରେ ନଦୀକୂଳରେ ଥିବା ୯୦ ପ୍ରତିଶତ ଚାଷଜମି ଶୁଖିଲା ପଡ଼ିଛି। ଅନେକ ନଦୀ କୂଳିଆ ଗାଁରେ ମଧ୍ୟ ପାନୀୟ ଜଳ ସଙ୍କଟ ଦେଖାଦେଇଛି। ଏଭଳିକି ରାୟଗଡ଼ା ସହର ପାଇଁ ନାଗାବଳୀ ନଦୀରୁ ଯେଉଁ ପାଣି ଯୋଗାଣ ହେଉଥିଲା, ସେଥିରେ ବି ଅନ୍ତରାୟ ସୃଷ୍ଟି ହୋଇଛି । ନାଗାବଳୀକୁ ଯଦି ଏବେଠାରୁ ରକ୍ଷା କରା ନ ଯାଏ, ଆଗାମୀ ଦିନରେ ଭୟଙ୍କର ପରିସ୍ଥିତି ଉପୁଜିବା ନେଇ ଆଶଙ୍କା ପ୍ରକାଶ ପାଇଛି। ଜଳ କମିବା ନେଇ ପରିବେଶବିତ୍ ନୀହାର ରଞ୍ଜନଙ୍କୁ ପଚାରିବାରୁ ସେ କହିଛନ୍ତି, ନଦୀରୁ ବେଆଇନ ବାଲି ଓ ପଥର ଚାଲାଣ ବନ୍ଦ କରିବାକୁ ପଡ଼ିବ । ଆବଶ୍ୟକତାଠାରୁ ଅଧିକ ବାଲି ଚାଲାଣ ହେଉଥିବାରୁ ଏଭଳି ପରିସ୍ଥିତି ସୃଷ୍ଟି ହୋଇଛି ବୋଲି କହିଛନ୍ତି ନୀହାର । ଏଥିସହ ଦିନକୁ ଦିନ ବଢ଼ୁଥିବା ଜନସଂଖ୍ୟା କାରଣରୁ ଥଇଥାନ ପାଇଁ ଘର ସଂଖ୍ୟା ବଢ଼ିବାରେ ଲାଗିଲାଣି । ଏହାଦ୍ୱାରା ନଦୀ କୂଳରେ ପୂର୍ବରୁ ରହିଥିବା ବିଭିନ୍ନ ଗଛ କାଟି ବ୍ୟବହାର କରୁଛନ୍ତି। ଏହାଦ୍ୱାରା ନଦୀ କୂଳ ଲଂଘୁଛି ଏବଂ ସମୟକ୍ରମେ ଓସାରିଆ ହେବାରେ ଲାଗିଛି। ଓସାରିଆ ନଦୀରେ ପାଣି କମ୍ ରହୁଥିବାରୁ ଖରା ପ୍ରଭାବରେ ସେଗୁଡ଼ିକ ଶୁଖିଯାଉଛି । ଏଣୁ ଜନସାଧାରଣ ଏବଂ ପ୍ରଶାସନ ଉଭୟେ ଏଥିପ୍ରତି ଦୃଷ୍ଟି ଦେଇ ନଈକୂଳରେ ବୃକ୍ଷରୋପଣ କରିବା ଆବଶ୍ୟକ ବୋଲି ପରିବେଶବିତ୍ ନୀହାର କହିଛନ୍ତି ।

## ମା’ ସାତଭଉଣୀଙ୍କ ଚୈତ୍ରଯାତ୍ରା

ଗୁଣପୁର,୮।୪(ପ୍ରଦୀପ କୁମାର ପାଢ଼ୀ)


ମା’ ସାତଭଉଣୀ

ରାୟଗଡ଼ା ଜିଲା ଗୁଣପୁର ସହରର ଆଇଟିଡିଏ ଅଫିସ ନିକଟରେ ଥିବା ମା’ ସାତଭଉଣୀ ତଥା ମଙ୍ଗଳା ମନ୍ଦିରରେ ରବିବାରଠାରୁ ମା’ଙ୍କ ଚୈତ୍ରଯାତ୍ରା ମହା ଆଡ଼ମ୍ବର ସହ ଆରମ୍ଭ ହୋଇଛି। ପ୍ରଥମ ଦିନରେ କଳସ ଯାତ୍ରା ଅବସରରେ ବଂଶଧାରା ନଦୀରୁ ଗଙ୍ଗା ଆବାହନ କରାଯାଇ କଳସରେ ପାଣି ଅଣାଯାଇ ଘଟ ସ୍ଥାପନ କରାଯିବା ପରେ ପୂଜାର୍ଚ୍ଚନା ହୋଇଥିଲା । ଅନୁଷ୍ଠିତ ହେବାକୁ ଥିବା ଏହି ଯାତ୍ରାରେ ବିଶେଷ ପୂଜାର୍ଚ୍ଚନା, ପାରମ୍ପରିକ ବାଦ୍ୟନୃତ୍ୟ ଓ ଦୁଇ ଓଳି ପ୍ରସାଦ ସେବନ ବ୍ୟବସ୍ଥା କରାଯାଇଛି।। ଏହି କାର୍ଯ୍ୟକ୍ରମକୁ ତନ୍ମୟ ତୁଳ, ଦିଲୀପ କୁମାର ରାଜଗୁରୁ ମହାପାତ୍ର, ବ୍ରଜସୁନ୍ଦର ପାଢ଼ୀ, ଗଣେଶ ମିଶ୍ର, ବାଣୀପ୍ରସାଦ ନାୟକ, ଭାଗ୍ୟଲକ୍ଷ୍ମୀ ମହାନ୍ତି, ମୁନା ମହାନ୍ତି, ବାବୁଲି ରଥ, ଶିବପ୍ରସାଦ ନାୟକ, ତ୍ରିପତି, କୁନା ମହାନ୍ତି ଓ ଏଣ୍ଡୁ ଗୌଡ଼ ପ୍ରମୁଖ ସୁଚାରୁ ରୂପେ ପରିଚାଳନା କରିଥିଲେ। ମଙ୍ଗଳବାର ମା’ଙ୍କ ଯାତ୍ରା ଉଦ୍‌ଯାପିତ ହେବ ବୋଲି ଜଣାପଡ଼ିଛି ।

## ଗଡ଼ିଲା ଭୋଟର ସଚେତନତା ରଥ


ଗୁଡାରି ଏନ୍‌ଏସି କାର୍ଯ୍ୟାଳୟ ପରିସରରେ ରଥର ଶୁଭାରମ୍ଭ କରାଯାଉଛି।

ଗୁଡାରି,୮।୪(ପ୍ରମୋଦ କୁମାର ପତି)

ରାୟଗଡ଼ା ଜିଲା ଗୁଡାରି ଏନ୍‌ଏସି କାର୍ଯ୍ୟାଳୟ ପରିସରରେ ସୋମବାର କାର୍ଯ୍ୟନିର୍ବାହୀ ଅଧିକାରୀ ସନ୍ତୋଷ କୁମାର ନାୟକ ସବୁଜ ପତାକା ଦେଖାଇ ଭୋଟର ସଚେତନତା ରଥର ଶୁଭାରମ୍ଭ କରିଛନ୍ତି। ଏହି ରଥ ଏନ୍‌ଏସିର ସମସ୍ତ ବୁଥ୍‌କୁ ଯାଇ ଭୋଟରମାନଙ୍କୁ ମତଦାନ କରିବା ନିମନ୍ତେ ସଚେତନତା ସୃଷ୍ଟି କରିବା ସହ ସ୍ୱଚ୍ଛ, ଅବାଧ, ନିରପେକ୍ଷ ନିର୍ବାଚନ ନିମନ୍ତେ ପ୍ରଚାର ମାଧ୍ୟମରେ ଜନ ସଚେତନ କରିବ। ସମସ୍ତ ଭୋଟର ନିଜ ବିବେକ ଅନୁସାରେ, ନିର୍ଭୀକ ଭାବରେ ମତଦାନ କେନ୍ଦ୍ରକୁ ଯାଇ ନିଜର ମତଦାନ କରିବା ନିମନ୍ତେ କାର୍ଯ୍ୟ ନିର୍ବାହୀ ଅଧିକାରୀ ନାୟକ ଆହ୍ୱାନ କରିଥିଲେ। ଏହି କାର୍ଯ୍ୟକ୍ରମରେ ଏନ୍‌ଏସିର ସମସ୍ତ କର୍ମଚାରୀ ଉପସ୍ଥିତ ଥିଲେ।

## ମୋବାଇଲ ଟାୱାର ସ୍ଥାପନ ପାଇଁ ଦାବିପତ୍ର


ଜିଲାପାଳଙ୍କୁ ଦାବି ଜଣାଇବାକୁ ଆସିଥିବା ଗ୍ରାମବାସୀ।

ରାୟଗଡ଼ା,୮।୪(ଆଶିଷ ରଞ୍ଜନ ପଣ୍ଡା)

ପ୍ରାକୃତିକ ଖଣିଜରେ ଭରପୁର ରାୟଗଡ଼ା ଜିଲା କାଶୀପୁର ବ୍ଲକର ବିଭିନ୍ନ ଅଞ୍ଚଳରେ ଆଜି ବି ଅପହଞ୍ଚ ମୋବାଇଲ ସେବା । କାଶୀପୁର ବ୍ଲକର ମାଇକଞ୍ଚ ପଞ୍ଚାୟତ ଅନ୍ତର୍ଗତ ବିଭିନ୍ନ ଗାଁରେ ମୋବାଇଲ ଟାୱାର ନ ଥିବାରୁ ଗ୍ରାମବାସୀ ହନ୍ତସନ୍ତ ହେଉଥିବା ପ୍ରକାଶ କରିଛନ୍ତି। ତେଣୁ ବିଭିନ୍ନ ଗ୍ରାମର ଲୋକ ଜିଲାପାଳଙ୍କ କାର୍ଯ୍ୟାଳୟକୁ ଆସି ସୋମବାର ଦାବିପତ୍ର ଦେଇଛନ୍ତି। ମୋବାଇଲ ଟାୱାର ନ ଥିବା କାରଣରୁ ବିଭିନ୍ନ ଜରୁରୀକାଳିନ ସମୟରେ ଲୋକେ ବିଭିନ୍ନ ଅସୁବିଧାର ସମ୍ମୁଖିନ ହେଉଛନ୍ତି। ଆମ୍ବୁଲାନ୍ସ ସୂଚନା ଦେବାପାଇଁ ସବୁଠାରୁ ଅଧିକ ସମସ୍ୟା ଭୋଗୁଥିବା ଗ୍ରାମବାସୀ କହିଛନ୍ତି। ଏଥିସହ ମହିଳା ସ୍ୱୟଂ ସହାୟକ ଗୋଷ୍ଠୀର ସଦସ୍ୟମାନେ ମଧ୍ୟ ଏକ ଦାବିପତ୍ର ପ୍ରଦାନ କରିଛନ୍ତି। ଜିଲାପାଳ କାର୍ଯ୍ୟାଳୟରେ ସହକାରୀ କଲେକ୍ଟର ଏହି ଦାବିପତ୍ର ଗ୍ରହଣ କରିଥିଲେ।

ସୂଚନାଯୋଗ୍ୟ, ମାଇକଞ୍ଚ ପଞ୍ଚାୟତ ଅନ୍ତର୍ଗତ ବିଭିନ୍ନ ଗାଁରେ ପ୍ରାୟ ୧୨ଶହରୁ ଉର୍ଦ୍ଧ୍ୱ ପରିବାର ରହୁଥିଲେ ମଧ୍ୟ ସେଠାରେ ମୋବାଇଲ ଟାୱାର ନାହିଁ । ମୋବାଇଲ ଟାୱାର ପ୍ରତିଷ୍ଠା ପାଇଁ ଗତ ୩ ବର୍ଷ ହେଲା ବିଭାଗୀୟ ଅଧିକାରୀଙ୍କୁ ବାରମ୍ବାର ଅଭିଯୋଗ କରୁଥିଲେ ମଧ୍ୟ କୌଣସି ସୁଫଳ ମିଳୁ ନ ଥିବା ଗ୍ରାମବାସୀ ଅଭିଯୋଗ କରିଛନ୍ତି।

## କଂଗ୍ରେସ ପ୍ରାର୍ଥୀ ଘୋଷଣା ପରେ ତେଜୁଛି ଗୋଷ୍ଠୀକନ୍ଦଳ

ଗୁଣପୁର,୮।୪(ପ୍ରଦୀପ କୁମାର ପାଢ଼ୀ)

**ଗୁଣପୁର ନିର୍ବାଚନ ମଣ୍ଡଳୀ**

ନିର୍ବାଚନ ତାରିଖ ଯେତିକି ପାଖେଇ ଆସୁଛି ରାୟଗଡ଼ା ଜିଲା ଗୁଣପୁର ନିର୍ବାଚନ ମଣ୍ଡଳୀରେ କଂଗ୍ରେସ ଦଳ ଭିତରେ ଅସନ୍ତୋଷ ତେଜିବାରେ ଲାଗିଛି। ଗୁଣପୁର ନିର୍ବାଚନ ମଣ୍ଡଳୀ ପାଇଁ କଂଗ୍ରେସ ପକ୍ଷରୁ ନବାଗତ ସତ୍ୟଜିତ ଗମାଙ୍ଗଙ୍କ ନାମ ଘୋଷଣା କରାଯାଇଛ। ତେବେ ପ୍ରାର୍ଥୀଙ୍କ ନାମ ଘୋଷଣା ହେବା ପରଠାରୁ ଦଳ ଭିତରେ ଆରମ୍ଭ ହୋଇଯାଇଛି ବିଦ୍ରୋହ। ବିଭିନ୍ନ ସ୍ଥାନରେ ବୈଠକ ସହ ଦଳୀୟ ପଦରୁ ଇସ୍ତଫା ଦେଇ ରାଜ୍ୟ ନେତୃତ୍ୱଙ୍କୁ ନିଜର ପ୍ରତିବାଦ ଜଣାଇଛନ୍ତି। ଦଳ ଭିତରେ ଏଭଳି ଜଟିଳ ପରିସ୍ଥିତି ସୃଷ୍ଟି ହୋଇଛି ଯେ, ଦଳୀୟ ନେତା ଓ କର୍ମକର୍ତ୍ତା ବିରୋଧୀଙ୍କ ସହ ଲଢ଼ିବା ପରିବର୍ତ୍ତେ ନିଜ ନିଜ ଭିତରେ ଲଢ଼ିବା ଆରମ୍ଭ କରି ଦେଇଛନ୍ତି। ଯାହା ଦଳ ପାଇଁ ମହଙ୍ଗା ସାବ୍ୟସ୍ତ ହୋଇପାରେ ବୋଲି ଆଲୋଚନା ହେଉଛି। ଗତ ୨ଟି ନିର୍ବାଚନରେ ପୁରୁଷୋତ୍ତମ ଗମାଙ୍ଗଙ୍କୁ ପ୍ରାର୍ଥୀ କରାଯାଇଥିବାବେଳେ ଦଳ ଭିତରେ ଏତେଟା ବିରୋଧ ଦେଖାଯାଇ ନ ଥିଲା। ହେଲେ ଚଳିତ ନିର୍ବାଚନରେ ସତ୍ୟଜିତଙ୍କ ପ୍ରାର୍ଥିତ୍ୱକୁ ନେଇ ଅସନ୍ତୋଷ ବଢି ଚାଲିଛି।

ଗୁଣପୁର ବିଧାନ ସଭା ଆସନ ପ୍ରାର୍ଥୀ ପାଇଁ ପ୍ରଥମେ ଯୁବନେତା ସତ୍ୟଜିତ ଗମାଙ୍ଗଙ୍କୁ ଚୟନ କରାଯାଇଥିଲା। ହେଲେ ପ୍ରାର୍ଥୀଙ୍କ ନାମ ଘୋଷଣା ପୂର୍ବରୁ ପୂର୍ବତନ ଏମ୍‌ପି ହେମା ଗମାଙ୍ଗ, ଜିଲା ସଭାପତି ବିଜୟ ଗମାଙ୍ଗ, ତାଙ୍କ ପୁଅ ଯୁବ ନେତା ଅଭିନାଶ ଗମାଙ୍ଗ, ଯୁବନେତା ସତ୍ୟଜିତ ଗମାଙ୍ଗ, ଭାସ୍କର ଜାଗରେଙ୍ଗା, ଶାନ୍ତି ଜାଗରେଙ୍ଗା ଏବଂ ପଦ୍ମପୁର ବ୍ଲକ ନଇରା ପଞ୍ଚାୟତର ସରପଞ୍ଚ ତୁଳଶା ଶବର ଏପରି ୭ ଜଣ ଆଶାୟୀ ରହିଥିଲେ। ପ୍ରାର୍ଥୀ ଘୋଷଣା ପୂର୍ବରୁ ହୋଇଥିବା ଅନେକ କାର୍ଯ୍ୟକ୍ରମରେ ହିଁ ଦଳରେ ଫାଟ ସୃଷ୍ଟି ହୋଇଥିବା ଲକ୍ଷ୍ୟ କରାଯାଇଥିଲା। ସତ୍ୟଜିତ ଗମାଙ୍ଗ ଫେବୃୟାରୀ ୧୩ ତାରିଖରେ ପ୍ରଥମେ ବିଜେଡି-ଭାଜପାର ବିବାହ କାର୍ଯ୍ୟକ୍ରମ କରୁଥିଲେ। ଏହି କାର୍ଯ୍ୟକ୍ରମରେ ଏମ୍‌ପି ସପ୍ତଗିରି ଉଲକାଙ୍କୁ ବାଦ ଦେଲେ, ଅନ୍ୟ କୌଣସି ଆଶାୟୀ ପ୍ରାର୍ଥୀ, ଏପରିକି ଜିଲାସଭାପତି ବିଜୟ ଗମାଙ୍କ ମଧ୍ୟ ଯୋଗ ଦେଇନ ଥିଲେ। ତେବେ ଏହାର ୪ ଦିନ ପରେ ତଥା ୧୭ ତାରିଖରେ ଅନ୍ୟ ଆଶାୟୀ ବିଜୟ ଗମାଙ୍ଗ, ତାଙ୍କ ପୁଅ ଅଭିନାଶ, ଭାସ୍କର ଜାଗରେଙ୍ଗା, ଶାନ୍ତି ଜାଗରେଙ୍ଗା ଏପରି ୪ଜଣ ମିଶି ଗୁଣପୁର ଟାଉନ ହଲଠାରେ ଭାଜପା-ବିଜେଡି ବିବାହ କାର୍ଯ୍ୟକ୍ରମ କରିଥିଲେ। କିନ୍ତୁ ଉକ୍ତ କାର୍ଯ୍ୟକ୍ରମରେ ଏମ୍‌ପି ସପ୍ତଗିରି ଉଲକା ଉପସ୍ଥିତ ନ ଥିଲେ। ଏପରି ଦଳର ନେତାଙ୍କ ହାବଭାବରୁ ଅନୁମାନ କରାଯାଉଥିଲା କାହାକୁ ମଧ୍ୟ ପ୍ରାର୍ଥୀ କରାଗଲେ ସେମାନେ ମିଳିମିଶି ଲଢ଼ିବା କଷ୍ଟସାଧ ହୋଇପଡ଼ିବ। କଂଗ୍ରେସ ଗୋଷ୍ଠୀ କନ୍ଦଳ ସମ୍ପର୍କରେ ଜିଲା ସଭାପତି ବିଜୟ କୁମାର ଗମାଙ୍ଗଙ୍କୁ ପଚାରିବାରୁ ଦଳରେ ଯେଉଁ କନ୍ଦଳ ଚାଲିଛି, ତାର ସମାଧାନ ପାଇଁ ଉଦ୍ୟମ ଚାଲିଛି ବୋଲି ତାଙ୍କ ପ୍ରତିକ୍ରିୟାରେ କହିଛନ୍ତି। କଂଗ୍ରେସ ବିଧାୟକ ପ୍ରାର୍ଥୀ ସତ୍ୟଜିତ ଗମାଙ୍ଗଙ୍କୁ ଯୋଗାଯୋଗ କରାଯିବାରୁ ସମସ୍ତ ନେତା ଓ କର୍ମୀଙ୍କ ପାଖକୁ ଯାଇ ମନୋମାଳିନ୍ୟ ଦୂର କରି ମିଳିମିଶି ଲଢ଼ିବୁ ବୋଲି ତାଙ୍କ ପ୍ରତିକ୍ରିୟାରେ କହିଛନ୍ତି।

ଗୁଣପୁର ନିର୍ବାଚନମଣ୍ଡଳୀ ଏକଦା କଂଗ୍ରେସର ଗଡ ଥିଲା। ହେଲେ ୧୯୯୦ରେ ଏଥିରେ ବ୍ରେକ୍ ଲାଗିଥିଲା। କଂଗ୍ରେସ ପ୍ରାର୍ଥୀ ସ୍ୱର୍ଗତ ଭାଗୀରଥି ଗମାଙ୍ଗଙ୍କୁ ପରାସ୍ତ କରି ଜନତା ଦଳରୁ ରାମମୂର୍ତ୍ତି ଗମାଙ୍ଗ ବିଜୟ ଲାଭ କରି କଂଗ୍ରେସ ଗଡ ଭାଙ୍ଗିବାରେ ସଫଳ ହୋଇଥିଲେ। ସେବେଠାରୁ କଂଗ୍ରେସ ଆଉ ବିଜୟ ହାସଲ କରିପାରିନାହିଁ। ଗତ ୩ଟି ନିର୍ବାଚନରେ ଲଗାତାର କଂଗ୍ରେସକୁ ପରାସ୍ତ କରି ବିଜେଡି ବିଜୟୀ ହୋଇ ହାଟ୍ରିକ କରିଛି। ୧୯୯୫ରେ ଭାଗୀରଥିଙ୍କ ପୁଅ ଅକ୍ଷୟ କୁମାର ଗମାଙ୍ଗ କଂଗ୍ରେସର ପ୍ରାର୍ଥୀ ହୋଇ ବିଜୟ ଲାଭ କରିଥିଲେ। ତାଙ୍କର ଅକସ୍ମାତ ମୃତ୍ୟୁ ପରେ ୧୯୯୬ରେ ଉପ ନିର୍ବାଚନ ହୋଇଥିଲା। ସେତେବେଳେ ଅକ୍ଷୟଙ୍କ ବାପା ଭାଗୀରଥିଙ୍କୁ ଟିକେଟ ପ୍ରଦାନ ନ କରି ପୂର୍ବତନ ମୁଖ୍ୟମନ୍ତ୍ରୀ ଡ.ଗିରିଧର ଗମାଙ୍ଗଙ୍କ ଭାଇ ବିଜୟ ଗମାଙ୍ଗଙ୍କୁ କଂଗ୍ରେସ ପ୍ରାର୍ଥୀ କରିଥିଲା। ଏଥିରେ ଉତ୍କ୍ଷିପ୍ତ ହୋଇ ଭାଗୀରଥି ଗମାଙ୍ଗ କଂଗ୍ରେସର ବିଦ୍ରୋହୀ ପ୍ରାର୍ଥୀ ହୋଇ ସ୍ୱାଧୀନ ଭାବେ ଲଢ଼ି ବିଜୟ ଲାଭ କରିଥିଲେ। ୨୦୦୪ ନିର୍ବାଚନରେ ମେଣ୍ଟରେ ଫାଟ ଯୋଗୁ ପୂର୍ବତନ ମୁଖ୍ୟମନ୍ତ୍ରୀ ଡ.ଗିରିଧର ଗମାଙ୍ଗଙ୍କ ସ୍ତ୍ରୀ ହେମା ଗମାଙ୍ଗ କଂଗ୍ରେସରୁ ବିଜୟ ଲାଭ କରିଥିଲେ। ୨୦୧୯ରେ କଂଗ୍ରେସ ପ୍ରାର୍ଥୀ ପୁରୁଷୋତ୍ତମ ଗମାଙ୍ଗ ୬୨୭୦ ଭୋଟ ବ୍ୟବଧାନରେ ବିଜେଡିଠାରୁ ପରାଜିତ ହୋଇଥିଲେ। ତେବେ ୨୦୧୯ ଡିସେମ୍ବର ୨୪ରେ ସଡକ ଦୁର୍ଘଟଣାରେ ତାଙ୍କର ମୃତ୍ୟୁ ଘଟିଥିଲା। ଏହାପରେ ଦଳର ପ୍ରାର୍ଥୀ କିଏ ହେବ ତାହାକୁ ନେଇ ସଙ୍କଟ ଦେଖାଦେଇଥିଲା।

## ଆର୍ଯ୍ୟନ ବିଦ୍ୟାଳୟର ବାର୍ଷିକ ଉତ୍ସବ


ଅତିଥିମାନେ କୃତୀ ପ୍ରତିଯୋଗୀଙ୍କୁ ପୁରସ୍କୃତ କରୁଛନ୍ତି।

ପଦ୍ମପୁର,୮।୪(ପ୍ରଶାନ୍ତ କୁମାର କର)

ରାୟଗଡ଼ା ଜିଲା ପଦ୍ମପୁରସ୍ଥିତ ଆର୍ଯ୍ୟନ ଇଂଲିଶ ମାଧ୍ୟମ ବିଦ୍ୟାଳୟର ୨୧ତମ ବାର୍ଷିକ ଉତ୍ସବ ଅନୁଷ୍ଠିତ ହୋଇଯାଇଛି। ଏଥିରେ ମୁଖ୍ୟ ଅତିଥି ଭାବେ ବ୍ରହ୍ମପୁର ଏମ୍‌କେସିଜି ମେଡିକାଲ କଲେଜ ଶରୀର ବିଜ୍ଞାନ ବିଭାଗର ପ୍ରଫେସର ଯାମି ସାଗଜ ପୃଷ୍ଟି, ଖଲ୍ଲିକୋଟ ବିଶ୍ୱବିଦ୍ୟାଳୟ ଓଡ଼ିଆ ବିଭାଗର ମୁଖ୍ୟ ପ୍ରଫେସର ବିଦ୍ୟୁତ୍‌ପ୍ରଭା ସାହୁ, ଗୁଣପୁର ଉପଜିଲାପାଳ କିରଣଦୀପ କୋର ସାହତା, ସ୍ଥାନୀୟ ତହସିଲଦାର ଦୀପ୍ତିମୟୀ ପାତ୍ର ଏବଂ ବିଇଓ ସୁଭାଷ ଚନ୍ଦ୍ର ଶବର ଯୋଗ ଦେଇଥିଲେ । ମଦର ମେମୋରିଆଲ ଚାରିଟେବୁଲ ଟ୍ରଷ୍ଟ ଦ୍ୱାରା ପରିଚାଳିତ ଆର୍ଯ୍ୟନ ବିଦ୍ୟାଳୟର ଅଧକ୍ଷ ଯଶସ୍ୱୀ ଦାସ ବାର୍ଷିକ ବିବରଣୀ ପାଠ କରିଥିଲେ । ଏହି ଅବସରରେ ବିଭିନ୍ନ ପ୍ରତିଯୋଗିତାରେ ସଫଳ ହୋଇଥିବା ଛାତ୍ରୀଛାତ୍ର ଯଥା ଶୁଭେଚ୍ଛା କର, ମନୀଷା ପାତ୍ର, ପୀୟୂଷ ପରିଡ଼ାଙ୍କୁ ପୁରସ୍କୃତ କରାଯାଇଥିଲା । ସନ୍ଧ୍ୟାରେ ଆୟୋଜିତ ମନୋରଞ୍ଜନ କାର୍ଯ୍ୟକ୍ରମ ମଧ୍ୟରେ ଆକର୍ଷଣୟର କେନ୍ଦ୍ର ଥିଲା ଗଣତନ୍ତ୍ର କୋଠରି। ବିଦ୍ୟାଳୟର ପ୍ରତିଷ୍ଠାତା ହରିଶରଣ ଦାସ, ସମ୍ପାଦିକା ସ୍ୱର୍ଣ୍ଣମଞ୍ଜରୀ ଦାସ, ମନୋଜ କୁମାର ପାତ୍ର, ଅଧକ୍ଷ ଶ୍ରୀମାନ ଯଶସ୍ୱୀ ଦାସ ସମସ୍ତ ଅତିଥିଙ୍କୁ ଧନ୍ୟବାଦ ଅର୍ପଣ କରିଥିଲେ। ଶିକ୍ଷକ ସନ୍ତୋଷ ସାହୁ, ସୁଶୀଲ ସାହୁ, ସତ୍ୟମିତ୍ର ପାଣି, ଜଗନ୍ନାଥ ମାଣ୍ଡାଙ୍ଗୀ, ସମ୍ପଦ ଖାଂସମା, ମନୀଷା ପାଣିଗ୍ରାହୀ, ପ୍ରିୟଙ୍କା ସାହୁ, ମଧୁସ୍ମିତା ପାଢ଼ୀ, ଜି. ରାମ୍ୟା, ଶୁଚିସ୍ମିତା ପ୍ରିୟଦର୍ଶିନୀ, ସ୍ମିତସିନୀ ମିଶ୍ର ପ୍ରମୁଖ କାର୍ଯ୍ୟକ୍ରମ ପରିଚାଳନାରେ ସହଯୋଗ କରିଥିଲେ।

## ନାବାଳିକାଙ୍କୁ ଦୁର୍ବ୍ୟବହାର କରି ଯୁବକ ଗିରଫ

ଜୟପୁର, ୮।୪ (ପବନ ପାଣିଗ୍ରାହୀ)

ଜଣେ ନାବାଳିକାଙ୍କୁ ଦୁର୍ବ୍ୟବହାର କରିଥିବା ଅଭିଯୋଗରେ ଟାଉନଥାନା ପୋଲିସ ଜଣେ ଯୁବକଙ୍କୁ ଗିରଫ କରିଛି। ସେ ହେଲେ ରଥଗୁଡା ଅଞ୍ଚଳର ଗୋପାଳ ଏଲିୟସ ପୁରୁଷୋତ୍ତମ ମୁଦୁଲି (୨୩)। ଏନେଇ ହୋଇଥିବା ଅଭିଯୋଗକୁ ଭିତ୍ତି କରି ପୋଲିସ ମାମଲା ରୁଜୁ କରି ତଦନ୍ତ କରିଥିଲା। ତଦନ୍ତରୁ ଗୋପାଳଙ୍କ ସମ୍ପୃକ୍ତି ଥିବା ଜାଣି ପୋଲିସ ତାଙ୍କୁ କରି କୋର୍ଟ ଚାଲାଣ କରିଥିବା ଥାନା ଅଧିକାରୀ ରମଣି ରଞ୍ଜନ ଦଳେଇ କହିଛନ୍ତି।

## କିଛି ଲୋକ ଅପପ୍ରଚାର କରୁଛନ୍ତି



ସୁନାବେଡା/ସେମିଳିଗୁଡା ୮।୪
(କୃତ୍ତିବାସ ପ୍ରଧାନ/ବାସୁଦେବ ବରାଡ)

ପଟ୍ଟାଙ୍ଗି ନିର୍ବାଚନ ମଣ୍ଡଳୀରେ ଦୁଇ ଦିନ ତଳେ ଭାଜପା ପ୍ରାର୍ଥୀ ଚୈତନ୍ୟ ହନ୍ତାଳଙ୍କୁ ବିରୋଧକୁ ନେଇ ସେମିଳିଗୁଡା ପ୍ରେସ୍ କ୍ଲବ୍‌ଠାରେ ସେ ଖବରଦାତା ସମ୍ମିଳନୀ କରିଥିଲେ। ସେ କହିଥିଲେ ଭାଜପା ଟିକେଟ ପାଇବା ପରେ କିଛି ଲୋକ ମୋର ଜାତିଗତ ପ୍ରମାଣପତ୍ରକୁ ନେଇ ଅପପ୍ରଚାର କରୁଛନ୍ତି। ଏହାକୁ ମୁଁ ଖଣ୍ଡନ କରୁଛି। ମୋର ପୂର୍ବ ପୁରୁଷରୁ ଜାତିଗତ ପ୍ରମାଣ ପତ୍ରରେ କିଛିଟା ତ୍ରୁଟି ରହିଥିଲା, ଯାହା ୨୦୨୨ରେ ମୁଁ ଜାଣିବା ପରେ ସଂଶୋଧନ କରି ଆଦିବାସୀ ପ୍ରମାଣପତ୍ର ପାଇଛି। କିଛି ଲୋକ ରାଜନୈତିକ ଆକ୍ରୋଶ ରଖି ନିର୍ବାଚନ ହାରିବା ଭୟରେ ମୋ ବିରୋଧରେ ଏପରି ଅପପ୍ରଚାର କରୁଛନ୍ତି ବୋଲି ଚୈତନ୍ୟ କହିଛନ୍ତି।

## ଜଙ୍ଗଲରେ ନିଆଁ, ପ୍ରାକୃତିକ ସମ୍ପଦ ନଷ୍ଟ

ବିଷମ କଟକ/ଟିକିରି,୮।୪
(ବିଭୂତି ଭୂଷଣ ନାୟକ/ ପ୍ରଫୁଲ୍ଲ କୁମାର ବେହେରା)

**ଜଙ୍ଗଲରେ ନିଆଁ ଲଗାଇଲେ ଭୋଗିବେ ଜେଲଦଣ୍ଡ**

ରାୟଗଡ଼ା ଜିଲାର ମୁନିଗୁଡ଼ା ବନାଞ୍ଚଳ ବିଷମକଟକ ରେଞ୍ଜ ଅନ୍ତର୍ଗତ ଅନେକ ଘଞ୍ଚ ଜଙ୍ଗଲରେ ନିଆଁ ଲାଗି ହୁତୁ ହୁତୁ ହୋଇ ଜଳୁଛି। ବନାଗ୍ନିରେ ଅନେକ ପ୍ରାକୃତିକ ସମ୍ପଦ ଓ ଜୀବଜନ୍ତୁ ନଷ୍ଟ ହେବାକୁ ବସିଲେଣି। ବନ ବିଭାଗ ଅଧିକାରୀ ସାଟେଲାଇଟରେ ଦେଖି ନିଆଁ ଲିଭାଇବାକୁ ଚେଷ୍ଟା କରୁଛନ୍ତି। ବିଷମକଟକ ବନାଞ୍ଚଳର ଅନେକ ସ୍ଥାନରେ ନିଆଁ ଲାଗି ଜଙ୍ଗଲ ପୂରା ନଷ୍ଟହେବାକୁ ବସିଲାଣି, ହେଲେ ବନ ବିଭାଗ ଅଧିକାରୀମାନେ ସାଟେଲାଇଟ୍ ମାଧ୍ୟମରେ ଦେଖି ନିଆଁ ଲାଗିଥିବା ଜଙ୍ଗଲରେ ପହଞ୍ଚିଲାବେଳକୁ ଜଙ୍ଗଲ ପୂରା ନଷ୍ଟହେବା ସହ ନିଆଁ ଆପେ ଆପେ ଲିଭିଯାଉଛି। କିନ୍ତୁ ଯେଉଁସ୍ଥାନରେ ନିଆଁ ଲିଭାଇବା ଜରୁରୀ ସେହି ସ୍ଥାନ ସାଟେଲାଇଟ ମାଧ୍ୟମରେ ଦେଖାଯାଉ ନାହିଁ ଯାହା ଫଳରେ ଅଧିକାଂଶ ଜଙ୍ଗଲ ନଷ୍ଟ ହେଉଛି । ଅନ୍ୟପକ୍ଷରେ କେତେଜଣ ବନରକ୍ଷୀ ୫ ଜଣ ଶ୍ରମିକଙ୍କୁ ସାଙ୍ଗରେ ଧରି ନିଆଁକୁ ଆୟତ୍ତ କରିବାକୁ ଚେଷ୍ଟା କରୁଥିଲେ ମଧ୍ୟ କିଛି ସୁଫଳ ମିଳୁନାହିଁ।

ଜଙ୍ଗଲରେ ଏହି ନିଆଁ କିଏ ଲଗାଉଛି, ତାକୁ ନେଇ ମୁନିଗୁଡ଼ା ବନାଞ୍ଚଳରେ ଚାଲିଛି ଜୋରଦାର ଧରପଗଡ। ଯଦି କୌଣସି ବ୍ୟକ୍ତି ଜଙ୍ଗଲରେ ନିଆଁ ଲଗାଇବାର ପ୍ରମାଣିତ ହେଲେ ତାଙ୍କୁ ଗିରଫ କରାଯିବା ସହ ୩ରୁ ୭ବର୍ଷ ଜେଲଦଣ୍ଡ ଭୋଗିବାକୁ ପଡ଼ିବ ବୋଲି ସୋମବାର ବନ ବିଭାଗ ପକ୍ଷରୁ ଘୋଷଣା କରାଯାଇଛି। ଉକ୍ତ ବ୍ୟକ୍ତିଙ୍କୁ ବେଲ୍ ମିଳିବା ନାହିଁ ଏବଂ ୧୦,୦୦୦ ଜରିମାନା ଦେବାକୁ ପଡ଼ିବ ବୋଲି କୁହାଯାଇଛି। ଜଙ୍ଗଲରେ ନିଆଁ ଲଗାଇବା ଲୋକଙ୍କ ସମ୍ପର୍କରେ ତଥ୍ୟଭିତ୍ତିକ ସୂଚନା ଦେଲେ ତାଙ୍କ ନାମକୁ ଗୋପନ ରଖିବା ସହ ତାଙ୍କୁ ପୁରସ୍କୃତ କରାଯିବାକୁ ଘୋଷଣା କରାଯାଇଛି। ସମାଜର ସବୁ ବର୍ଗର ଲୋକ ରାଜନୈତିକ ବ୍ୟକ୍ତିବିଶେଷ, ଜନପ୍ରତିନିଧି,ପୋଲିସ ପ୍ରଶାସନ, ଅଗ୍ନିଶମ ବିଭାଗ, ସିଆର୍‌ପିଏଫ୍ ଯବାନ ଏବଂ ସମସ୍ତ ସରକାରୀ ବିଭାଗ ଓ ବେସରକାରୀ ସଂସ୍ଥା ଏହି ବିପଦ ସମୟରେ ଜଙ୍ଗଲକୁ ରକ୍ଷା କରିବାକୁ ଆଗେଇ ଆସିବାକୁ ବନାଞ୍ଚଳ ଅଧିକାରୀ ଅନୀଲ କୁମାର ବାଲା ଆହ୍ୱାନ ଦେଇଛନ୍ତି। ମୁନିଗୁଡା ବନାଞ୍ଚଳରେ ବ୍ୟାପକ ଇଟାଭାଟି, ପୋଡୁଚାଷ, ମହୁଲ ସଂଗ୍ରହ ପାଇଁ ଜଙ୍ଗଲ ସଫେଇ, କଅଁଳ କେନ୍ଦୁପତ୍ର ଓ ଉଜୁଡା କୃଷି କ୍ଷେତ୍ରରେ ଅଗ୍ନି ସଂଯୋଗ କରି ସଫା କରିବାବେଳେ ପବନ ଦ୍ୱାରା ଜଙ୍ଗଲରେ ନିଆଁ ବ୍ୟାପୁଥିବାର ସମ୍ଭାବନାକୁ ଏଡ଼ାଇହେବନାହିଁ । ଏଣୁ ଜଙ୍ଗଲ ବଞ୍ଚାଇବାକୁ ହେଲେ ଏସବୁ କାର୍ଯ୍ୟରୁ ଦୂରେଇ ରହିବା ସହ ସଭିଙ୍କୁ ସଚେତନ କରାଇବା ପ୍ରତ୍ୟେକ ନାଗରିକଙ୍କ କର୍ତ୍ତବ୍ୟ ବୋଲି ବନ ଅଧିକାରୀ କହିଥିଲେ।

ସେହିପରି ରାୟଗଡ଼ା ଜିଲା ଟିକିରି ବନାଞ୍ଚଳ ଅଧିନ ମାରିଭଟା ନିକଟସ୍ଥ ଦୁଦୁରାଖୋଲ ଗ୍ରାମ ନିକଟରେ ଥିବା ଜଙ୍ଗଲ ଗତ ୨ ଦିନ ହେଲା ହୁତୁ ହୁତୁ ହୋଇ ଜଳୁଛି। ଫଳରେ ମୂଲ୍ୟବାନ ବୃକ୍ଷ ସବୁ ନଷ୍ଟ ହେବା ସହ ବନ୍ୟଜନ୍ତୁ ଅସୁରକ୍ଷିତ ହୋଇପଡ଼ିଛନ୍ତି। ସେହିପରି ଟିକିରିଠାରୁ ଦୋରାଗୁଡା ଯିବା ବାଟରେ ଥିବା କମ୍ପର ଗ୍ରାମ ନିକଟସ୍ଥ ଜଙ୍ଗଲରେ ନିଆଁ ଲାଗିଥିବା ଦେଖିବାକୁ ମିଳିଛି।


ଟିକିରି ବନାଞ୍ଚଳ ଅଧୀନ ଜଙ୍ଗଲ ଜଳୁଛି।

## ବିଦ୍ୟୁତ୍ ତାରରେ ଲାଗି ଜଣେ ମୃତ

ଖଲ୍ଲିକୋଟ,୮।୪(ପ୍ରଶାନ୍ତ କୁମାର ମିଶ୍ର)

ଗଞ୍ଜାମ ଜିଲା ଖଲ୍ଲିକୋଟ ଥାନା ଅନ୍ତର୍ଗତ ପଥୁରିନାଳ ନିକଟସ୍ଥ ବିଲରେ ବାରହା ଶିକାର ପାଇଁ ବିଛା ଯାଇଥିବା ବିଦ୍ୟୁତ୍ ତାରରେ ଲାଗି ଜଣେ ବ୍ୟକ୍ତିଙ୍କ ମୃତ୍ୟୁ ଘଟିଛି। ସେ ହେଲେ କୈରାଶି ଗ୍ରାମର ସୀମାଞ୍ଚଳ ସ୍ୱାଇଁ। ରବିବାର ରାତି ପ୍ରାୟ ୧୧ଟାରେ ସୀମାଞ୍ଚଳ ବିଲକୁ ଯାଇଥିବା ବେଳେ ପଥରିନାଳ ନିକଟସ୍ଥ ବିଲରେ ବାରହା ଶିକାର ପାଇଁ ବିଛା ଯାଇଥିବା ବିଦ୍ୟୁତ ତାରରେ ଲାଗି ଯାଇଥିଲେ। ସେଠାରେ ତାଙ୍କର ମୃତ୍ୟୁ ହୋଇଥିଲା।

**ଦ.ପୂ. ରେଳପଥ - ଟେଣ୍ଡର**

ଟେଣ୍ଡର ବିଜ୍ଞପ୍ତି ନଂ. ଏସ୍‌ଟି-ସିକେପି-ଓଟି-୧୨-୨୦୨୪, ତାରିଖ ୦୮।୦୪।୨୦୨୪। ଭାରତର ରାଷ୍ଟ୍ରପତିଙ୍କ ପାଇଁ ଏବଂ ତରଫରୁ ସିନିୟର ଡିଭିଜନାଲ ସିଗ୍‌ନାଲ ଆଣ୍ଡ ଟେଲିକମ୍ ଇଞ୍ଜିନିୟର/ଚକ୍ରଧରପୁରଙ୍କ ଦ୍ୱାରା **ଟେଣ୍ଡର ନଂ. ଏସ୍‌ଟି-ସିକେପି-ଓଟି-୧୨-୨୦୨୪-୧** ଆହ୍ୱାନ କରାଯାଉଛି, ଯାହା **ତା୨୯।୦୪।୨୦୨୪ରିଖ ୧୫.୦୦ ଘଟିକା**ରେ ଖୋଲାଯିବା ପାଇଁ ଧାର୍ଯ୍ୟ। ଏହି ଟେଣ୍ଡର ପାଇଁ ମାନୁଆଲ ଅଫର ଅନୁମତିଯୋଗ୍ୟ ନୁହେଁ ଏବଂ ପ୍ରାପ୍ତ ହୋଇଥିବା ଏପରି ମାନୁଆଲ ଅଫରଗୁଡ଼ିକୁ ଅଣଦେଖା କରିଦିଆଯିବ। **କାର୍ଯ୍ୟର ନାମ:** ଝାରସୁଗୁଡ଼ା ପାସେଞ୍ଜର ୟାର୍ଡଠାରେ ଟ୍ରାଫିକ୍ ସୁବିଧାର ଉନ୍ନତୀକରଣ ପାଇଁ ଇଆଇର ପୁନଃ-ଡିଜାଇନିଂ ଲାଗି ସଂଶୋଧନ/ପରିବର୍ତ୍ତନ। **ଟେଣ୍ଡର ମୂଲ୍ୟ:** ₹୧,୦୫,୨୧,୫୪୭.୭୦। **ଅମାନତ ରାଶି:** ₹୨,୦୨,୬୦୦/- । **ସମାପ୍ତି ଅବଧି:** ୦୬ (ଛଅ) ମାସ। ଟେଣ୍ଡର ବିବରଣୀ ୱେବ୍‌ସାଇଟ୍ **http://www.ireps.gov.in**ରେ ଦେଖାଯାଇପାରିବ। ଟେଣ୍ଡରଦାତା/ବିଡରମାନଙ୍କ ନିକଟରେ କ୍ଲାସ୍-III ଡିଜିଟାଲ ସିଗ୍‌ନେଚର୍ ସାର୍ଟିଫିକେଟ୍ ରହିଥିବା ଓ ସେ ଆଇଆର୍‌ଇପିଏସ୍ ପୋର୍ଟାଲ୍‌ରେ ପଞ୍ଜୀକୃତ ହୋଇଥିବା ନିହାତି ଜରୁରୀ। କେବଳ ପଞ୍ଜୀକୃତ ଟେଣ୍ଡରଦାତା/ବିଡରମାନେ ଇ-ଟେଣ୍ଡରିଂରେ ଅଂଶଗ୍ରହଣ କରିପାରିବେ। ଇ-ଟେଣ୍ଡର ଫର୍ମଗୁଡ଼ିକ ବିନା ମୂଲ୍ୟରେ ଜାରି କରାଯିବ। (PR-16)

**ଓଡ଼ିଶା ରାଜ୍ୟ ଗୃହ ନିର୍ମାଣ ସଂସ୍ଥା**
ସଚିବାଳୟ ମାର୍ଗ, ଭୁବନେଶ୍ୱର – ୭୫୧୦୦୧
ଫୋନ୍: (୦୬୭୪) ୨୩୯୩୫୨୪, ଇପିବିଏକ୍ସ: (୦୬୭୪) ୨୩୯୧୫୪୨, ୨୩୯୦୧୪୧
ଫାକ୍ସ: (୦୬୭୪) ୨୩୯୩୯୫୨, ୱେବ୍‌ସାଇଟ୍: https://oshb.org

ପତ୍ର ସଂଖ୍ୟା: ୮୭ | **ବିଜ୍ଞାପନ** | ତା:୦୪।୦୪।୨୦୨୪

No. CAD-39: ଏତଦ୍ୱାରା ସର୍ବସାଧାରଣଙ୍କ ଅବଗତି ନିମନ୍ତେ ଜଣାଇ ଦିଆଯାଉଅଛି କି ଘର ନଂ. ଏଲ୍.ସି.ଆର୍-୩୦୩, ଛେଣ୍ଡ କଲୋନୀ, ଫେଜ୍-୧, ରାଉରକେଲା, ଛେଣ୍ଡ ଗୃହ ନିର୍ମାଣ ପ୍ରକଳ୍ପରେ, ଶ୍ରୀ ଗୋକୁଳାନନ୍ଦ ପାଣିଗ୍ରାହୀ, ପିତା: ୰ଅଭିମନ୍ୟୁ ପାଣିଗ୍ରାହୀ, ସ୍ଥାନ: ପ୍ଲଟ ନଂ. ଏଫ୍-୩୩୫, ସେକ୍ଟର-୭, ସି.ଡି.ଏ., ପୋଷ୍ଟ: ମର୍କତ ନଗର, ଥାନା: ବିଡ଼ାନାସୀ (କଟକ ସଦର), ଜିଲ୍ଲା: କଟକ (ଓଡ଼ିଶା), ପିନ୍: ୭୫୩୦୧୪ଙ୍କୁ ଆବଣ୍ଟନ କରାଯାଇଥିଲା। ବର୍ତ୍ତମାନ ଆବଣ୍ଟନ ଗ୍ରହୀତା ଶ୍ରୀ ଗୋକୁଳାନନ୍ଦ ପାଣିଗ୍ରାହୀ ଉକ୍ତ ଗୃହଟିକୁ ବିକ୍ରି ଆଧାରରେ ଶ୍ରୀ ମନୋଜ କୁମାର ବେହେରା, ପିତା: ଶ୍ରୀ ମାନଗୋବିନ୍ଦ ବେହେରା, ସ୍ଥାନ: ଗୋକିହା, ପୋଷ୍ଟ: ଡେଙ୍ଗୁରା, ଥାନା: ଖଇରା, ଜିଲ୍ଲା: ବାଲେଶ୍ୱରଙ୍କ ନାମରେ ମାଲିକାନା ପରିବର୍ତ୍ତନ କରିବା ପାଇଁ ଏହି କର୍ତ୍ତୃପକ୍ଷଙ୍କୁ ଅନୁରୋଧ କରିଅଛନ୍ତି।

ଉକ୍ତ ପ୍ରକଳ୍ପ ଗୃହର ମାଲିକାନା ସ୍ୱତ୍ୱ ପରିବର୍ତ୍ତନ ସମ୍ବନ୍ଧରେ ଯଦି କାହାର କିଛି ଦାବି/ଆପତ୍ତି ଥାଏ, ତା’ହେଲେ ଏହି ବିଜ୍ଞାପନ ପ୍ରକାଶନର ୧୫ ଦିନ ମଧ୍ୟରେ ଉପଯୁକ୍ତ ପ୍ରମାଣ ସହ ନିମ୍ନ ସ୍ୱାକ୍ଷରକାରୀଙ୍କୁ ଲିଖିତଭାବେ ଜଣାଇବେ। ତତ୍‌ପରେ ଏ ସମ୍ବନ୍ଧରେ କୌଣସି ଆପତ୍ତି/ଅଭିଯୋଗ ଗ୍ରହଣଯୋଗ୍ୟ ନୁହେଁ ଏବଂ ଗୃହଟିର ମାଲିକାନା ସ୍ୱତ୍ୱ ପରିବର୍ତ୍ତନ ଆଇନ ଅନୁଯାୟୀ କରାଯାଇପାରେ।

ସ୍ୱା./- ପ୍ରଶାସନିକ ଅଧିକାରୀ
ଓଡ଼ିଶା ରାଜ୍ୟ ଗୃହ ନିର୍ମାଣ ସଂସ୍ଥା
OIPR-13030/11/0033/2425

## ସଂକ୍ଷେପରେ

### ୪୫୦ ଲିଟର ଦେଶୀ ମଦ ଜବତ, ୨ ଗିରଫ

ସୁନାବେଡା/ସେମିଳିଗୁଡା, ୮।୪ (କୃତ୍ତିବାସ ପ୍ରଧାନ/ବାସୁଦେବ ବରାଡ଼)

ସାଧାରଣ ନିର୍ବାଚନକୁ ଦୃଷ୍ଟିରେ ରଖି ସେମିଳିଗୁଡା ପୋଲିସ ପକ୍ଷରୁ ଚୋରା ମଦ କାରବାର କରୁଥିବା ବ୍ୟବସାୟୀଙ୍କ ଉପରେ କଡା ନଜର ରଖିଛି। ବିଭିନ୍ନ ସମୟରେ ଚଢାଉ ଜାରି ରଖିଛି। ଏହି କ୍ରମରେ ରବିବାର ରାତି ସାଢେ ୧୧ଟାରେ ଦାମନଯୋଡ଼ି ଛକ ନିକଟରରେ ପୋଲିସ ପାଟ୍ରୋଲିଂ କରିବା ସହ ଗାଡିମୋଟର ଯାଞ୍ଚ କରୁଥିଲା। ଏହି ସମୟରେ ପଟ୍ଟାଙ୍ଗି ଅଞ୍ଚଳରୁ ସେମିଳିଗୁଡା ଅଭିମୁଖେ ଆସୁଥିବା ଏକ ବୋଲେରୋ (ଓଡ଼ି ୩୦ ଏ-୧୮୮୧)କୁ ଅଟକାଇ ଯାଞ୍ଚ ଗରିବା ସମୟରେ ସିଟ ତଳେ ଥିବା ୧୫ଟି ଜରି ବ୍ୟାଗରୁ ୨୨୫୦ ମଦ ପାଉଚ ଜବତ କରିଥିଲା। ଗୋଟିଏ ପାଉଚ ପିଛା ୨୦୦ ମି.ଲି ହିସାବରେ ୪୫୦ ଲିଟର ମଦ ପୋଲିସ ଜବତ କରିଥିଲା। ଏଥିରେ ସମ୍ପୃକ୍ତ ବୋଲେରୋ ଡ୍ରାଇଭରଙ୍କ ସହ ଆଉ ଜଣକୁ ଗିରଫ କରିଥିଲା। ସେମାନେ ହେଲେ ପଟ୍ଟାଙ୍ଗି ଅଞ୍ଚଳ କରଞ୍ଜୁଗୁଡା ଗ୍ରାମର ରବି ଖରା (୪୫) ଛତିଶଗଡ଼ ଅଞ୍ଚଳ କଳିକା ଗ୍ରାମର ବିପିନ ଗୁପ୍ତା(୨୪) ବୋଲି ଜଣାପଡିଛି। ସେମାନେ ଏସବୁ ପାଉଚ ମଦକୁ ପଟ୍ଟାଙ୍ଗି ଅଞ୍ଚଳର ଏକ ଭାଟିରୁ କିଣିଥିବା ପ୍ରକାଶ କରିଛନ୍ତି। କେସ୍ ନଂ. ୫୬/୨୪ରେ ମାମଲା ରୁଜୁ ହୋଇଛି ବୋଲି ସେମିଳିଗୁଡା ଥାନା ଅଧିକାରୀ ସଚିନ୍ଦ୍ର ପ୍ରଧାନ କହିଛନ୍ତି। ଚଢ଼ାଉରେ ଏଏସ୍ଆଇ ବିଡ଼ିଏଚ ମାଝୀ, କନଷ୍ଟେବଳ ସଞ୍ଜୟ ନାୟକ, ବିନୋଦ ଖିଲ, ଓଏପିଏଫ ରାଜୀବ ନାୟକ, ଏଚଜି ପୀତାମ୍ବର ଖରା ଓ ଜୟରାମ ସାମିଲ ଥିଲେ।

### କୋର୍ଟ ନିର୍ଦ୍ଦେଶ ଅବମାନନା କରି ୫ ଗିରଫ

ନନ୍ଦପୁର, ୮।୪ (ଶଙ୍କର ପୂଜାରୀ)

କୋରାପୁଟ ଜିଲା ନନ୍ଦପୁର ବ୍ଲକ ପାଡୁଆ ଥାନା ଅଞ୍ଚଳର ୪ ମହିଳା ଓ ଜଣେ ପୁରୁଷଙ୍କୁ ବିଭିନ୍ନ ମାମଲାରେ ଜଡିତ ଥାଇ କୋର୍ଟଙ୍କ ନିର୍ଦ୍ଦେଶ ଅବମାନନା କରିଥିବାରୁ ସୋମବାର ସେମାନଙ୍କୁ ଗିରଫ କରାଯାଇ କୋର୍ଟଚାଲାଣ କରାଯାଇଛି। ସେମାନେ ହେଲେ ଆପଲାମ ପାଙ୍ଗି, ପ୍ରତିମା ପାଙ୍ଗି, ଈଶ୍ୱରୀମା ପାଙ୍ଗି, ସିନେମା ପାଙ୍ଗି ଓ ପୁରୁଷ ରଘୁନାଥ ପାଙ୍ଗୀ। ଏମାନେ ଅଦାଲତ ଅବମାନନା କରିଥିବାରୁ ସେମାନଙ୍କ ନାମରେ ଜାମିନବିହୀନ ଗିରଫ ପରୱାନା ଜାରି କରାଯାଇଥିଲା। ଏହାକୁ ଭିତ୍ତିକରି ଉପରୋକ୍ତ ମହିଳା ପୁରୁଷଙ୍କୁ ଗିରଫ କରାଯାଇ କୋର୍ଟଚାଲାଣ କରାଯାଇଛି। ଏହି ୫ ମହିଳାପୁରୁଷଙ୍କ ନାମରେ ୨୦୦୨ରୁ ୨୦୧୪ ମଧ୍ୟରେ ୪ଟି ମାମଲା ରୁଜୁ ହୋଇଥିଲା ବୋଲି ଥାନାଧିକାରୀ ଅଶୋକ ବିଶୋୟୀ କହିଛନ୍ତି।

# ସୁନା ଶଙ୍ଖ ଦେବାକୁ କହି ୪.୩୫ ଲକ୍ଷ ଠକେଇ

- ନକଲି ଶଙ୍ଖ ସହ ୫୦ହଜାର ଟଙ୍କା ଜବତ, ୨ଗିରଫ
- ଭୁବନେଶ୍ୱର ନେଇ ଯାଞ୍ଚ କରି ନକଲି ବୋଲି ଜାଣିଲେ ଧନପତି
- ଟଙ୍କା ଫେରାଇବାକୁ କହିବାରୁ ଶୁଣି ନ ଥିଲେ ୨ ଠକ
- ମାମଲାରେ ବହୁ ବ୍ୟକ୍ତି ଜଡ଼ିତ ଥିବା ସନ୍ଦେହ କରୁଛି ପୋଲିସ

କୋରାପୁଟ,୮।୪(ଅମିତାଭ ବେହେରା)

ସୁନାଶଙ୍ଖ ଦେବାକୁ କହି ଜଣେ ବ୍ୟକ୍ତିଙ୍କଠାରୁ ୪.୩୫ ଲକ୍ଷ ଟଙ୍କା ଠକିନେଇଥିବା ୨ ଠକଙ୍କୁ ସୋମବାର କୋରାପୁଟ ସଦର ଥାନା ପୋଲିସ ଗିରଫ କରିଛି। ସେମାନଙ୍କଠାରୁ ନକଲି ଶଙ୍ଖ ସହ ୫୦ହଜାର ଟଙ୍କା ଜବତ ହୋଇଛି। କୋରାପୁଟ ଜିଲା ନନ୍ଦପୁର ଅଞ୍ଚଳର ଧନପତି ଆର୍ଲିଆ (୪୦) ଏପରି ଠକେଇର ଶିକାର ହୋଇଥିବା ଆୟୋଜିତ ଏକ ଖବରଦାତା ସମ୍ମିଳନୀରେ ଏସ୍‌ଡିପିଓ ଶ୍ରାବଣୀ ନାୟକ କହିଛନ୍ତି। ଗିରଫ ୨ ଯୁବକ ହେଲେ କୋରାପୁଟ ସଦର ଥାନା ଅନ୍ତର୍ଗତ ଲିଟିମାଲିଗଡ଼ା ଗ୍ରାମର ଚିତ୍ରସେନ ଖୋସଲା (୩୮) ଏବଂ ବି. ସିଙ୍ଗପୁର ଥାନା ଅନ୍ତର୍ଗତ ଭାଲିଆଗୁଡ଼ା ଗ୍ରାମର ମାନସ ଖରା।

ଏସ୍‌ଡିପିଓଙ୍କ ସୂଚନା ଅନୁଯାୟୀ ନନ୍ଦପୁର ଥାନା ଅନ୍ତର୍ଗତ ଖଡାପୁଟ ଗ୍ରାମର ଧନପତି ୨୦୨୩ ଅଗଷ୍ଟ ୨୦ରେ ଏନେଇ କୋରାପୁଟ ସଦର ଥାନାରେ ଅଭିଯୋଗ କରିଥିଲେ। ଲିଟିମାଲିଗୁଡ଼ା ଗ୍ରାମର ଚିତ୍ରସେନ ଓ ଭାଲିଆଗୁଡ଼ା ଗ୍ରାମର ମାନସ ସେମାନଙ୍କ ପାଖରେ ଏକ ସୁନା ଶଙ୍ଖ ଅଛି,


ଗିରଫ ୨ ଅଭିଯୁକ୍ତଙ୍କ ସମ୍ପର୍କରେ ଏସ୍‌ଡିପିଓ ସୂଚନା ଦେଉଛନ୍ତି।

ଏହାର ଦାମ୍ ସ୍ଥାନୀୟ ବଜାରରେ ୪ କୋଟି ଟଙ୍କା ହେବ। ମାତ୍ର ୫ ଲକ୍ଷ ଟଙ୍କା ଦେଲେ ଧନପତିଙ୍କୁ ଏହା ଦେଇଦେବେ ବୋଲି କହିଥିଲେ। ଧନପତି ଲୋଭରେ ତାଙ୍କ ସାଙ୍ଗ ସରୋଜ ଖିଲଙ୍କ ଜରିଆରେ ମୁଖ୍ୟ ଅଭିଯୁକ୍ତ ଚିତ୍ରସେନଙ୍କୁ ସୁନାଶଙ୍ଖ ବାବଦକୁ ୪ ଲକ୍ଷ ୩୫ ହଜାର ଟଙ୍କା ପ୍ରଦାନ କରିଥିଲେ। ପରେ ଚିତ୍ରସେନ ତାଙ୍କୁ ପ୍ରାୟ ୪ କେଜି ଓଜନର ଏହି ସୁନାଶଙ୍ଖକୁ ଦେଇଥିଲେ। ଧନପତି ଏହାକୁ ଧରି ଭୁବେନେଶ୍ୱର ଯାଇ ଏକ ସୁନା ଦୋକାନୀଙ୍କୁ ଏହି ଶଙ୍ଖ ସୁନା କି ନାହିଁ ତାହା ଯାଞ୍ଚ କରିଥିଲେ। ଯାଞ୍ଚ ପରେ ଏହି ଶଙ୍ଖ ପିତ୍ତଳ ବୋଲି ଜଣାପଡିଥିଲା। ଏହା ଜାଣିବା ପରେ ଚିତ୍ରସେନଙ୍କୁ ପୂର୍ବରୁ ଦେଇଥିବା ଟଙ୍କା ଫେରାଇବାକୁ ଧନପତି କହିଥିଲେ। ଚିତ୍ରସେନ ଏହି ଟଙ୍କା ନ ଫେରେଇବାରୁ ସେ ଏନେଇ କୋରାପୁଟ ସଦର ଥାନାରେ ଏତଲା ଦେଇଥିଲେ। ଏହାକୁ ଭିତ୍ତିକରି ୭୭/୨୦୨୩ରେ ଏକ ମାମଲା ରୁଜୁ କରି ପୋଲିସ ତଦନ୍ତ ଆରମ୍ଭ କରିଥିଲା।

ସୋମବାର ଏହାର ମୁଖ୍ୟ ଅଭିଯୁକ୍ତ ଚିତ୍ରସେନ ଓ ସହଯୋଗୀ ମାନସ ଧରାପଡିଛନ୍ତି। ଉଭୟଙ୍କୁ ୪୨୦, ୫୦୬ ଆଇପିସିରେ ଗିରଫ କରାଯାଇଛି। ସେମାନଙ୍କ ନିକଟରୁ ନଗଦ ୫୦ ହଜାର ଟଙ୍କା, ପିତ୍ତଳ ଶଙ୍ଖ ଓ ୨ଟି ମୋବାଇଲ ଫୋନ ଜବତ କରାଯାଇଥିବା ଏସ୍‌ଡିପିଓ କହିଛନ୍ତି। ଏହି ଘଟଣାର ଅଧିକ ତଦନ୍ତ ଜାରି ରହିଛି। ମାମଲାରେ ଅନ୍ୟ ବହୁ ବ୍ୟକ୍ତି ଜଡିତ ଥିବା ନେଇ ପୋଲିସ ସନ୍ଦେହ କରୁଛି। ଗିରଫ ଦୁଇ ଅଭିଯୁକ୍ତଙ୍କୁ ସୋମବାର କୋର୍ଟ ଚାଲାଣ କରାଯାଇଛି। ଖବରଦାତା ସମ୍ମିଳନୀରେ ଏସ୍‌ଡିପିଓଙ୍କ ସମେତ ସଦର ଥାନା ଅଧିକାରୀ ଝୁନୁ ମାଝି, ତଦନ୍ତକାରୀ ଅଧିକାରୀ ଫକୀର ମୋହନ ଖରା, କୃପାଦାନ ଖୋସଲା, ପ୍ରମୋଦ ତାରେଣି ପ୍ରମୁଖ ଉପସ୍ଥିତ ଥିଲେ।

# ସିୟୁଓରେ ଅନ୍ତର୍ଜାତୀୟ ସମ୍ମିଳନୀ ଉଦ୍‌ଘାଟିତ

କୋରାପୁଟ,୮।୪(ଅମିତାଭ ବେହେରା)

ଓଡିଶା କେନ୍ଦ୍ରୀୟ ବିଶ୍ୱବିଦ୍ୟାଳୟ(ସିୟୁଓ)ର ସଂସ୍କୃତ ବିଭାଗ ପକ୍ଷରୁ ବିଶ୍ୱବିଦ୍ୟାଳୟରେ 'ଆଧୁନିକ ପରିପ୍ରେକ୍ଷୀରେ ପ୍ରାଚୀନ ଭାରତୀୟ ସାହିତ୍ୟରେ ବିଜ୍ଞାନ ଓ ପ୍ରଯୁକ୍ତିବିଦ୍ୟା' ଶୀର୍ଷକ ତିନିଦିନିଆ ଆନ୍ତର୍ଜାତିକ ସମ୍ମିଳନୀ ସୋମବାର ଉଦ୍‌ଘାଟିତ ହୋଇଛି। ଏହି ସେମିନାରରେ ୪ଟି ବିଶ୍ୱବିଦ୍ୟାଳୟର କୁଳପତି ଓ ଅନ୍ୟ ପ୍ରତିନିଧିମାନେ ଯୋଗ ଦେଇଛନ୍ତି। କାର୍ଯ୍ୟକ୍ରମକୁ ସିୟୁଓର କୁଳପତି ପ୍ରଫେସର ଚକ୍ରଧର ତ୍ରିପାଠୀ ଉଦ୍‌ଘାଟନ କରିଥିଲେ। ଅନ୍ୟମାନଙ୍କ ମଧ୍ୟରେ ଜାତୀୟ ସଂସ୍କୃତ ବିଶ୍ୱବିଦ୍ୟାଳୟ ନୂଆଦିଲ୍ଲୀର କୁଳପତି ପ୍ରଫେସର ଶ୍ରୀନିବାସ ବରାଖେଡି, ତିରୁପତିସ୍ଥିତ ଜାତୀୟ ସଂସ୍କୃତ ବିଶ୍ୱବିଦ୍ୟାଳୟର କୁଳପତି ପ୍ରଫେସର ଜିଏସଆର କ୍ରିଷ୍ଣା ମୂର୍ତ୍ତି, ରାମଟେକସ୍ଥିତ କବି କୁଳଗୁରୁ କାଳିଦାସ ସଂସ୍କୃତ ବିଶ୍ୱବିଦ୍ୟାଳୟର କୁଳପତି ପ୍ରଫେସର ହରେରାମ ତ୍ରିପାଠୀ, ବିହାରର କାମେଶ୍ୱର ସିଂହ ଦରଭଙ୍ଗା ସଂସ୍କୃତ ବିଶ୍ୱବିଦ୍ୟାଳୟର କୁଳପତି ପ୍ରଫେସର ଲକ୍ଷ୍ମୀ ନିବାସ ପାଣ୍ଡେ, ଓଡ଼ିଶା କେନ୍ଦ୍ରୀୟ ବିଶ୍ୱବିଦ୍ୟାଳୟର ପରାମର୍ଶଦାତା ପ୍ରଫେସର ଭି.ସି.ଝା ପ୍ରମୁଖ ଉପସ୍ଥିତ ଥିଲେ। ଆନ୍ତର୍ଜାତିକ ସମ୍ମିଳନୀର ଆବାହକ ତଥା ବିଶ୍ୱବିଦ୍ୟାଳୟର ଭାରପ୍ରାପ୍ତ ରେଜିଷ୍ଟ୍ରାର ପ୍ରଫେସର ନରସିଂହ ଚରଣ ପଣ୍ଡା ସ୍ୱାଗତ ସୂଚନା ଦେଇଥିଲେ। ସିୟୁଓ କୁଳପତି ପ୍ରଫେସର ତ୍ରିପାଠୀ ସମ୍ମିଳନୀରେ ନିଜ ବକ୍ତବ୍ୟ ରଖି ଏହା ବେଶ୍ ଫଳପ୍ରଦ ହେବ ବୋଲି କହିଥିଲେ। ଏହି ଅବସରରେ ପ୍ରଫେସର ବରଖେଡି କେବଳ ସାହିତ୍ୟ କ୍ଷେତ୍ରରେ ନୁହେଁ ବରଂ ବିଜ୍ଞାନ ଓ ପ୍ରଯୁକ୍ତିବିଦ୍ୟାର ବିକାଶ କ୍ଷେତ୍ରରେ ସଂସ୍କୃତ ଭାଷାର ବିକାଶ ଉପରେ ଗୁରୁତ୍ୱାରୋପ କରିଥିଲେ। ଯଦି ଆମେ ବିକଶିତ ଭାରତକୁ ହାସଲ କରିବାକୁ ଚାହୁଁଛୁ, ତେବେ ଆମକୁ ବିଜ୍ଞାନ ଓ ପ୍ରଯୁକ୍ତି ବିଦ୍ୟା ସମେତ ସମସ୍ତ ବିଭାଗର ପ୍ରାଚୀନ ଭାରତୀୟ ପରମ୍ପରାକୁ ପୁନରୁଦ୍ଧାର କରିବାକୁ ହେବ ବୋଲି କହିଥିଲେ। ପ୍ରଫେସର କ୍ରିଷ୍ଣା ମୂର୍ତ୍ତି ତାଙ୍କ ଅଭିଭାଷଣରେ ଦେଶରେ ସାମଗ୍ରିକ ସାହିତ୍ୟର ବିକାଶ ପାଇଁ ସଂସ୍କୃତ ଭାଷା ଓ ସାହିତ୍ୟର ପୁନରୁଦ୍ଧାର ପାଇଁ ଆହ୍ୱାନ ଦେଇ ବୃକ୍ଷରୋପଣ ଓ ବିଜ୍ଞାନ ପରସ୍ପର ସହ ଜଡ଼ିତ। ତେଣୁ ବୃକ୍ଷରୋପଣ ଦ୍ୱାରା ବୈଜ୍ଞାନିକ ବିକାଶ ହୋଇପାରିବ ବୋଲି କହିଥିଲେ। ଏହି ଆନ୍ତର୍ଜାତିକ ଆଲୋଚନାଚକ୍ର ସମଗ୍ର ବିଶ୍ୱରେ ସଂସ୍କୃତ ଭାଷାର ବିକାଶ ଦିଗରେ ବେଶ୍ ଫଳପ୍ରଦ ଓ ସହାୟକ ହେବ ବୋଲି ପ୍ରଫେସର ହରେରାମ ତ୍ରିପାଠୀ ପ୍ରକାଶ କରିଥିଲେ। ପ୍ରଫେସର ପାଣ୍ଡେ ଭାରତୀୟ ପାରମ୍ପରିକ ଜ୍ଞାନ ପ୍ରଣାଳୀର ବିକାଶ ସହ ଜ୍ଞାନ ଓ ଐତିହ୍ୟରେ ସମୃଦ୍ଧ ସଂସ୍କୃତ ଭାଷାର ବିକାଶ ଉପରେ ଗୁରୁତ୍ୱାରୋପ କରିଥିଲେ। ପ୍ରଫେସର ଝା ଏହି ସେମିନାର ଅନନ୍ୟ ହେବ ବୋଲି ମତ ରଖିଥିଲେ। ସଂସ୍କୃତ ଅଧ୍ୟାପକ ଡ. ବୀରେନ୍ଦ୍ର ଷଡ଼ଙ୍ଗୀ ଧନ୍ୟବାଦ ଦେଇଥିଲେ। କାର୍ଯ୍ୟକ୍ରମକୁ ଡ. ପ୍ରଦୀପ ଚନ୍ଦ୍ର ଆଚାର୍ଯ୍ୟ ପରିଚାଳନା କରିଥିଲେ। ଏହି ଅବସରରେ ସେମିନାରରେ ଅତିଥିମାନେ ଏକ ପୁସ୍ତକ ଉନ୍ମୋଚନ କରିଥିଲେ।


ସମ୍ମିଳନୀରେ ଅତିଥିମାନେ ଏକ ପୁସ୍ତକ ଉନ୍ମୋଚନ କରୁଛନ୍ତି।

# କୋରାପୁଟରେ ଗଡ଼ିଲା ଭୋଟର ସଚେତନତା ରଥ

**ଜିଲାର ସବୁ ଭୋଟରଙ୍କୁ ମତଦାନ ନେଇ ସଚେତନ କରିବ**

କୋରାପୁଟ,୮।୪(ଅମିତାଭ ବେହେରା)

କୋରାପୁଟ ଜିଲାପାଳଙ୍କ କାର୍ଯ୍ୟାଳୟରୁ ସୋମବାର ଭୋଟରଙ୍କୁ ଆସନ୍ତା ନିର୍ବାଚନରେ ମତଦାନ ନେଇ ସଚେତନ କରିବା ଲକ୍ଷ୍ୟରେ ଏକ ସଚେତନତା ରଥର ଶୁଭାରମ୍ଭ ହୋଇଛି। ଜିଲାପାଳ ଭି. କୀର୍ତ୍ତିଭାସନ ସବୁଜ ପତାକା ଦେଖାଇ ଏହାର ଶୁଭାରମ୍ଭ କରିଥିଲେ। ଜିଲାପାଳ ମତଦାନ ନେଇ ପ୍ରଥମେ ଦସ୍ତଖତ କରି ଏକ ଦସ୍ତଖତ ଅଭିଯାନର ମଧ୍ୟ ଆରମ୍ଭ କରିଥିଲେ। ସୂଚନାଯୋଗ୍ୟ, ଆସନ୍ତା ମେ ୧୩ରେ କୋରାପୁଟ ଜିଲାରେ ନିର୍ବାଚନ ହେବ। ଏନେଇ ଜିଲାର ସମସ୍ତ ଭୋଟର ନିଜର ମୂଲ୍ୟବାନ ଭୋଟ ପ୍ରଦାନ କରିବା ଲାଗି ସଚେତନତା ରଥ ଜିଲାର ସମସ୍ତ ବ୍ଲକ ଓ ପଞ୍ଚାୟତ ବୁଲି ପ୍ରଚାର କରିବ ବୋଲି ଜିଲାପାଳ ସୂଚନା ଦେଇଥିଲେ। ଭୋଟରଙ୍କ ସଚେତନ ପାଇଁ ମାରାଥନ ଦୌଡ଼ ଓ ଦେଓମାଳି ପର୍ବତାରୋହଣ କାର୍ଯ୍ୟକ୍ରମ କରାଯିବ। ଆସନ୍ତୁ ସମସ୍ତେ ଭୋଟ ଦେବା ଓ ଗଣତନ୍ତ୍ରକୁ ସୁଦୃଢ଼ କରିବା ବୋଲି ଜିଲାପାଳ ଏହି ଅବସରରେ ଜିଲାର ସମସ୍ତ ଭୋଟରଙ୍କୁ ଆହ୍ୱାନ ଦେଇଥିଲେ। ଅତିରିକ୍ତ ଜିଲାପାଳ ଲଗ୍ନଜିତ ରାଉତ, ଜିଲା ପରିଷଦ ମୁଖ୍ୟ ଉନ୍ନୟନ ଅଧିକାରୀ ଦେବାଶିଷ ପଟ୍ଟନାୟକ, ଉପ ଜିଲାପାଳ ବେଣୁଧର ଶବର, ବିଡିଓ ଦେବାଶିଷ ଗୌଡ଼ଙ୍କ ସହ ଅନ୍ୟ ଅଧିକାରୀମାନେ ଉପସ୍ଥିତ ଥିଲେ। ଜିଲା ପରିଷଦ ଅଧିକାରୀ ହିମାଂଶୁ ଶତପଥୀ କାର୍ଯ୍ୟକ୍ରମ ପରିଚାଳନା କରିଥିଲେ।


ଭୋଟର ସଚେତନତା ରଥକୁ ଜିଲାପାଳ ଉଦ୍‌ଘାଟନ କରୁଛନ୍ତି।

## ଏକମ୍ବା ଉଚ୍ଚ ବିଦ୍ୟାଳୟରେ ପ୍ରବେଶ ଉତ୍ସବ

ଜୟପୁର,୮।୪(ପବନ ପାଣିଗ୍ରାହୀ)

ଏକମ୍ବାସ୍ଥିତ ସରକାରୀ ଉଚ୍ଚ ବିଦ୍ୟାଳୟରେ ପ୍ରବେଶ ଉତ୍ସବ ଅନୁଷ୍ଠିତ ହୋଇଯାଇଛି। ପ୍ରଧାନ ଶିକ୍ଷୟିତ୍ରୀ ଡ. ଜ୍ୟୋସ୍ନା ମିଶ୍ରଙ୍କ ତତ୍ତ୍ୱାବଧାନରେ ହୋଇଥିବା ଏହି ଉତ୍ସବରେ ମୁଖ୍ୟ ଅତିଥି ଭାବେ ସମାଜିକ କର୍ମୀ ରାମନାଥ ପାଣିଗ୍ରାହୀ, ସମ୍ମାନିତ ଅତିଥିଭାବେ ଏକମ୍ବା ଉଚ୍ଚ ପ୍ରାଥମିକ ବିଦ୍ୟାଳୟର ପ୍ରଧାନ ଶିକ୍ଷକ କେ.ଗୋପାଳ ,ଏସଏମସି ସଭ୍ୟ ଲଇଚନ ହରିଜନ, ମୋ ସ୍କୁଲ ଅଭିଯାନର ଆଲୁମିନି ସଭାପତି, ଘାସିରାମ ହରିଜନ, ଉପସ୍ଥିତ ଥିଲେ। ପ୍ରଥମେ ଅତିଥିଙ୍କ ଦ୍ୱାରା ବିଦ୍ୟାଦାତା ଶ୍ରୀ ଗଣେଶଙ୍କଠାରେ ଦୀପ ପ୍ରଜ୍ୱଳନ କରି ପୂଜାର୍ଚ୍ଚନା କରାଯାଇଥିଲା। ସଂସ୍କୃତ ପଣ୍ଡିତ ମନୋଜ ମିଶ୍ର ବେଦ ପାଠ କରିଥିଲେ। ପ୍ରବେଶ ଉତ୍ସବରେ ବିଦ୍ୟାଳୟର ଦଶମ ଶ୍ରେଣୀର ଛାତ୍ରୀଛାତ୍ର ଓ ଶିକ୍ଷୟିତ୍ରୀଶିକ୍ଷକମାନେ ନବମ ଶେଣୀରେ ନାମ ଲେଖାଇ ଥିବା ଛାତ୍ରୀଛାତ୍ରଙ୍କୁ ଫୁଲ, ଚନ୍ଦନ ଦେଇ ସ୍ୱାଗତ କରିଥିଲେ। ଅତିଥିମାନଙ୍କ ଦ୍ୱାରା ଛାତ୍ରୀଛାତ୍ରଙ୍କୁ ପାଠ୍ୟପୁସ୍ତକ ବଣ୍ଟନ କରାଯାଇଥିଲା। ଏହି ଦିବସର ମହତ୍ୱ ଛାତ୍ରୀଛାତ୍ରଙ୍କୁ ଅତିଥିମାନେ ବୁଝାଇଥିଲେ। ଉତ୍ସବ ପରିଚାଳନାରେ ଶିକ୍ଷୟିତ୍ରୀ ବି. ନଳିନ କୁମାର, ଉମାରାଣୀ ସାହୁ, ରାଜଲକ୍ଷ୍ମୀ ପ୍ରିୟା ସାମନ୍ତରାୟ, ବୃନ୍ଦାବତୀ ଖରା, ଶୁଭଙ୍କର ଦାଶ, ବାଳଗୋପାଳ ମିଶ୍ର ସହଯୋଗ କରିଥିଲେ। ଶିକ୍ଷକ ପ୍ରସନ୍ନ ପାଣିଗ୍ରାହୀ ଧନ୍ୟବାଦ ଦେଇଥିଲେ।

# ସମର୍ଥନ ଜଣାଇଲା ମିଳିତ ଶ୍ରମିକ-କର୍ମଚାରୀ କ୍ରିୟାନୁଷ୍ଠାନ କମିଟି

**କାଗଜକଳ ଅବସରପ୍ରାପ୍ତ ଶ୍ରମିକଙ୍କ ଆନ୍ଦୋଳନ**

ଜୟପୁର,୮।୪(ପବନ ପାଣିଗ୍ରାହୀ)

ସେବା କାଗଜକଳ ମୁଖ୍ୟ ଫାଟକ ପାର୍ଶ୍ୱରେ ଧାରଣା ଦେଇ ଆନ୍ଦୋଳନ ଚଳାଇଥିବା ଅବସରପ୍ରାପ୍ତ ଶ୍ରମିକଙ୍କୁ ମିଳିତ ଶ୍ରମିକ-କର୍ମଚାରୀ କ୍ରିୟାନୁଷ୍ଠାନ କମିଟି ସମର୍ଥନ କରିଛି। ଏହାର ଅଧକ୍ଷ ଶ୍ରମିକ ନେତା ଯୁଧିଷ୍ଠିର ରାଉଳ ଶ୍ରମିକମାନଙ୍କ ଦାବି ପ୍ରତି ସମର୍ଥନ ଜଣାଇବା ସହ କମିଟିର ଏକ ପ୍ରତିନିଧି ଦଳ ସ୍ଥାନୀୟ ଯୁଗ୍ମ ଶ୍ରମ କମିଶନର, ଜିଲାପାଳ ଓ ଉପଜିଲାପାଳଙ୍କୁ ସାକ୍ଷାତ କରି ତୁରନ୍ତ ହସ୍ତକ୍ଷେପ କରି ସମସ୍ୟା ସମାଧାନ କରିବା ପାଇଁ ଅନୁରୋଧ କରିବେ ବୋଲି କହିଥିଲେ। ଆଜି ପର୍ଯ୍ୟନ୍ତ କାରଖାନା ଠିକ୍ ଭାବେ ଚାଲୁ ନାହିଁ। ଏବେ କାମ କରୁଥିବା ଅବସରପ୍ରାପ୍ତ ଶ୍ରମିକମାନଙ୍କ ୫ମାସର ଦରମା ବାକି ଅଛି। ସେମାନଙ୍କ ଇପିଏଫ୍, ପେନସନ, ଗ୍ରାଚ୍ୟୁଇଟି ବକେୟା ପାଉଣା କିଛି ମିଳୁନାହିଁ। ଓଡ଼ିଶା ଯୁଗ୍ମ ଶ୍ରମ କମିଶନର ବିଟିଏ ସର୍ତ୍ତ ପାଳନ ଯୋଗ୍ୟ ବୋଲି ଲିଖିତ ଚିଠି ଦେବାପରେ ମଧ୍ୟ ମ୍ୟାନେଜମେଣ୍ଟ ତାକୁ ଗୁରୁତ୍ୱ ଦେଉନାହିଁ। କର୍ତ୍ତୃପକ୍ଷ ତୁରନ୍ତ ସମସ୍ୟା ସମାଧାନ ନ କଲେ ଆନ୍ଦୋଳନ ବ୍ୟାପକ ହେବ। ଆବଶ୍ୟକ ପଡ଼ିଲେ ଜୟପୁରର ସମସ୍ତ ଶ୍ରମିକ ସଂଘ, ଅନ୍ୟାନ୍ୟ ସଙ୍ଗଠନ ଏକ ହୋଇ କାଗଜକଳ ଶ୍ରମିକମାନଙ୍କ ପଛରେ ଛିଡ଼ା ହେବେ ବୋଲି ରାଉଳ ପ୍ରକାଶ କରିଛନ୍ତି। ଧାରଣା ସ୍ଥଳରେ ଭି.ରବି କୁମାର, ପ୍ରମୋଦ ମହାନ୍ତି, ସୁବାସ ଚନ୍ଦ୍ର ବେହେରା, ବ୍ରଜ ଜେନା, ଚକ୍ରଧର ମଲ୍ଲିକ, ବସନ୍ତ ବେହେରା, ପ୍ରଭାକର ପ୍ରହରାଜ, ଉମାକାନ୍ତ ବେହେରା, କେଦାର ବେହେରାଙ୍କ ସମେତ ଅନ୍ୟମାନେ ଉପସ୍ଥିତ ଅଛନ୍ତି।

# ଦୁର୍ଘଟଣାରେ ଆଇଆର୍‌ବିଏନ୍ ଯବାନଙ୍କ ମୃତ୍ୟୁ

**ଏଟିଏମ୍‌ରୁ ଟଙ୍କା ଉଠାଇ ଫେରୁଥିଲେ, ଧକ୍କା ଦେଲା କାର**

କୋରାପୁଟ /ନାରାୟଣପାଟଣା ୮।୪ (ଅମିତାଭ ବେହେରା /ରାଜ କିଶୋର ଜେନା)

କୋରାପୁଟ ଜିଲା ନାରାୟଣପାଟଣା ଥାନା ଅଧୀନ ତେନ୍ତୁଳିପଦର ପଞ୍ଚାୟତର କନକାଠାରେ ମାଓବାଦୀ ମୁକାବିଲା ନିମନ୍ତେ ନିୟୋଜିତ ହୋଇଥିବା ଆଇଆରବିଏନ ଯବାନ ଅରୁଣ କୁମାର ବେହେରାଙ୍କ ସୋମବାର ଦୁର୍ଘଟଣାରେ ମୃତ୍ୟୁ ହୋଇଛି। ସେ କନକା କ୍ୟାମ୍ପରୁ ଏକ ବାଇକ୍ ଯୋଗେ ନାରାୟଣପାଟଣା ସଦରମହକୁମାକୁ ଏଟିଏମ୍‌ରୁ ଟଙ୍କା ଉଠାଇବାକୁ ଯାଇଥିଲେ। ଟଙ୍କା ଉଠାଇ ଫେରୁଥିବା ବେଳେ ଝୁଡ଼ିଜାମ୍ ନିକଟରେ ବିପରୀତ ଦିଗ ସେମିଳିଗୁଡାରୁ ଆସୁଥିବା ଏକ କାର ଅରୁଣଙ୍କୁ ଧକ୍କା ଦେଇଥିଲା। ଫଳରେ ଘଟଣାସ୍ଥଳରେ ଅରୁଣଙ୍କ ମୃତ୍ୟୁ ହୋଇଥିଲା। ଖବରପାଇ ଘଟଣାସ୍ଥଳରେ ନାରାୟଣପାଟଣା ଥାନା ଅଧିକାରୀ ସୁଷମା କହଁର ଏବଂ ସେକେଣ୍ଡ ଅଫିସର ପ୍ରଫୁଲ୍ଲ ପାତ୍ର ପହଞ୍ଚି ତଦନ୍ତ ଆରମ୍ଭ କରିଥିଲେ। ଏ ସମ୍ପର୍କରେ ପୋଲିସ କୋରାପୁଟସ୍ଥିତ ଆଇଆରବିଏନ କମାଣ୍ଡାଣ୍ଟଙ୍କୁ ଜଣାଇଥିଲା। ଯବାନ ଅରୁଣଙ୍କ ଘର ବରଗଡ଼ ହୋଇଥିବାରୁ ତାଙ୍କ ପରିବାର ଲୋକଙ୍କୁ ମଧ୍ୟ ଅବଗତ କରାଯାଇଛି। ସେମାନେ ପହଞ୍ଚିବା ପରେ ମୃତଦେହ ବ୍ୟବଚ୍ଛେଦ କରାଯାଇ ପରିବାର ଲୋକଙ୍କୁ ହସ୍ତାନ୍ତର କରାଯିବ ବୋଲି ନାରାୟଣପାଟଣା ପୋଲିସ କହିଛି।

# ୨୫ଏକର ଜମିରୁ ୨୫ ହଜାର ଗଞ୍ଜେଇ ଗଛ ନଷ୍ଟ

ନନ୍ଦପୁର, ୮।୪ (ଶଙ୍କର ପୂଜାରୀ)

ପୋଲିସ, ଜଙ୍ଗଲ ଓ ରାଜସ୍ୱ ବିଭାଗକୁ ନେଇ ଗଠିତ ମିଳିତ ଟିମ୍ ଚଢ଼ାଉ କରି ସୋମବାର ନନ୍ଦପୁର ବ୍ଲକ ପାଡୁଆ ଥାନା ଅନ୍ତର୍ଗତ ପାଛଲୁଙ୍ଗ ପଞ୍ଚାୟତ ହାଟଗୁଡା ଗ୍ରାମ ନିକଟସ୍ଥ ଜଙ୍ଗଲରେ ହୋଇଥିବା ବେଆଇନ ଗଞ୍ଜେଇ ଚାଷ ନଷ୍ଟ କରିଛି। ଏହି ଟିମ୍ ୨୫ ଏକର ଜମିରେ ଚାଷ ହୋଇଥିବା ୨୫ ହଜାରରୁ ଊର୍ଦ୍ଧ୍ୱ ଗଞ୍ଜେଇ ଗଛ ନଷ୍ଟ କରିଥିବା ଏସ୍‌ଡିପିଓ ସମ୍ବିତ ମାଝୀ ସୂଚନା ଦେଇଛନ୍ତି। ଚଢାଉ ଦଳରେ ମାଜିଷ୍ଟ୍ରେଟଙ୍କ ସମେତ ଆଇଆରବିଏନ୍ ଯବାନ, ଆଣ୍ଟି ମାଓବାଦୀ ସେଲ ଯବାନ, ପାଡୁଆ ପୋଲିସ, ନନ୍ଦପୁର ତହସିଲର ରାଜସ୍ୱ କର୍ମଚାରୀ, ବାଲଡ଼ା ବନାଞ୍ଚଳର କର୍ମଚାରୀ ସାମିଲ ଥିଲେ। କେସ୍ ନଂ. ୫୩/୨୪ରେ ମାମଲା ରୁଜୁ ହୋଇଛି। ଏସଆଇ ହୃଷୀକେଶ ବେନିଆଙ୍କୁ ଏହାର ଅଧିକ ତଦନ୍ତ ନେଇ ଦାୟିତ୍ୱ ଦିଆଯାଇଛି।

# ଉତ୍କଳ କରାଟେ ସ୍କୁଲ ପାଇଁ ଗୌରବ ଆଣିଲେ ୭ କରାଟେକା

ସୁନାବେଡା/ସେମିଳିଗୁଡା ୮।୪ (କୃତ୍ତିବାସ ପ୍ରଧାନ/ବାସୁଦେବ ବରାଡ)

ଭୁବନେଶ୍ୱରଠାରେ ଓଡ଼ିଶା କରାଟେ ଆସୋସିଏଶନ୍ (ଓସ୍କା) ଦ୍ୱାରା ଗତ ରବିବାର ଆୟୋଜିତ ରାଜ୍ୟ କ୍ୟାଡେଟ୍ ଓ ଜୁନିୟର ବର୍ଗ କରାଟେ ପ୍ରତିଯୋଗିତାରେ ସେମିଳିଗୁଡା ଉତ୍କଳ କରାଟେ ସ୍କୁଲର ୭ଜଣ କରାଟେକା ଭାଗ ନେଇ ସ୍କୁଲ ପାଇଁ ଗୌରବ ଆଣିଛନ୍ତି। କୁମେଟିରେ ଅଦିତି ପାଣିଗ୍ରାହୀ, ତୃପ୍ତିରାଣୀ ମହାନ୍ତି ଓ ଦୀପ୍ତି ନାମଦେଓ ଗୋଟିଏ ଲେଖାଏ ସ୍ୱର୍ଣ୍ଣ ସହ ଡାନିଏଲ ଜାନି ରୌପ୍ୟ ଓ ରୋହନ ଦୁରିଆ କାଂସ୍ୟ ପଦକ ହାସଲ କରିଛନ୍ତି। ସେହିପରି ଟିମ୍ କାଟାରେ ଅଦିତି ପାଣିଗ୍ରାହୀ ଗୋଟିଏ ସ୍ୱର୍ଣ୍ଣ, ତୃପ୍ତିରାଣୀ ମହାନ୍ତି, ଶ୍ରୁତିଶିଖା ସାହୁ ଓ ତପସ୍ୱିନୀ ନାୟକ ଗୋଟିଏ ଲେଖା ରୌପ୍ୟ ପଦକ ଜିତିଛନ୍ତି। ସମସ୍ତ ସ୍ୱର୍ଣ୍ଣ ପଦକ ବିଜେତା ଆସନ୍ତା ମେ ୭ରୁ ୧୨ ତାରିଖ ପର୍ଯ୍ୟନ୍ତ ଡେରାଡୁନ୍‌ରେ ହେବାକୁ ଥିବା ଜାତୀୟ କରାଟେ ପ୍ରତିଯୋଗିତାରେ ଭାଗ ନେବାକୁ ମନୋନୀତ ହୋଇଛନ୍ତି। ଛାତ୍ରୀଛାତ୍ରଙ୍କ ଏହି ସଫଳତାରେ କରାଟେ ସଂଘ ସମ୍ପାଦକ ଡ. ସେନସେଇ ଗୌରୀ ମହାନ୍ତି ,ସଭାପତି ସେନସେଇ ଡ. ହରି ପ୍ରସାଦ ପଟ୍ଟନାୟକ , କୋରାପୁଟ ଜିଲା କରାଟେ ସମିତି ସମ୍ପାଦକ ସେନସେଇ ଦୁର୍ଗା ପ୍ରସାଦ ରଥ, ସେମିଳିଗୁଡା ଉତ୍କଳ କରାଟେ ସ୍କୁଲର କୋଚ୍ ସେନସେଇ ରାଜେନ୍ଦ୍ର କେଶରୀ ସାମଲ ସେମାନଙ୍କୁ ଶୁଭେଚ୍ଛା ଜଣାଇଛନ୍ତି।


କୃତିତ୍ୱ ଅର୍ଜନ କରିଥିବା କରାଟେକାମାନେ।

# ଭଲ ପାଇବାକୁ ଭସାଇ ନେଇଛି ଭସାମେଘ

- ମାୟାମୋହରୁ ମୁକୁଳିବା କଥା କହିଲା କାଳ କୋଠରି
- ପଞ୍ଚପଟ୍ଟମାଳି ନାଟ୍ୟ ମହୋତ୍ସବର ୬ଷ୍ଠ ସନ୍ଧ୍ୟା

ଦାମନଯୋଡି,୮।୪ (ମାନସ ରଞ୍ଜନ କର)

ଅଷ୍ଟାଦଶ ପଞ୍ଚପଟ୍ଟମାଳି ରାଜ୍ୟସ୍ତରୀୟ ନାଟକ ପ୍ରତିଯୋଗିତାର ୬ଷ୍ଠ ସନ୍ଧ୍ୟାରେ ଖୋର୍ଦ୍ଧାର ଆଦର୍ଶ କଳାକାର ନାଟ୍ୟ ଅନୁଷ୍ଠାନଳ ପକ୍ଷରୁ ନାଟକ ଭସାମେଘ ମଞ୍ଚସ୍ଥ ହୋଇଥିଲା। ଏହାକୁ ସଞ୍ଜୟ ପଟ୍ଟନାୟକଙ୍କ ରଚନା କରିଥିବା ବେଳେ ରତ୍ନାକର ପ୍ରଧାନଙ୍କ ନିର୍ଦ୍ଦେଶନା ଦେଇଛନ୍ତି। ସହରଠାରୁ ଦୂର ବଣ ଜଙ୍ଗଲ ପାହାଡ ପର୍ବତ ଘେରା ଅଞ୍ଚଳରେ ଛୋଟ ଏକ ଗାଁ। ସେହି ଗାଁରେ ପରିବାର ସହ ବାସ କରନ୍ତି ବୃଦ୍ଧ ବରଜୁ କଅଁର ଓ ତାଙ୍କ ଝିଅ ଫୁଲିଆ। ଫୁଲିଆ ଓ ସେହି ଗାଁର ଯୁବକ କରନ୍ ମାଝିଙ୍କ ମଧ୍ୟରେ ପ୍ରେମ ସମ୍ପର୍କ ଗଢିଉଠେ। ତେବେ ଦିନପରେ ଦିନ ଗଡେ। ଫୁଲିଆ ମାଟ୍ରିକ ପାସ୍ କରିବା ପରେ ନର୍ସିଂ ଟ୍ରେନିଂ ନେବାକୁ ଦୂର ସହରକୁ ଚାଲିଯାଏ। କିଛି ଦିନ ପରେ ଶାନ୍ତ ସରଳ କରନ୍ ଜଙ୍ଗଲରେ ମାଓବାଦୀଙ୍କ ଦଳରେ ସାମିଲ ହୁଏ। ଦୁର୍ଦ୍ଧର୍ଷ ମାଓନେତା ମଙ୍ଗଳ ସିଂର ମୁଖ୍ୟ ସହଯୋଗୀ ଭାବେ କରନ୍ ବିଭିନ୍ନ ମିଶନରେ ସାମିଲ ହୁଏ। ଦିନେ ଗାଁ ପାଖଏକ ରେଳଷ୍ଟେସନକୁ ଧ୍ୱଂସ କରିବା ଲକ୍ଷ୍ୟରେ ଦୂରରୁ ଆସୁଥିବା ଏକ ଟ୍ରେନକୁ ବୋମା ପକାଇ ଉଡାଇ ଦେବାକୁ ମାଓବାଦୀଙ୍କ ପକ୍ଷରୁ ଯୋଜନା ହୋଇଥାଏ। ଏହି ସମୟରେ କରନ୍‌ଙ୍କ ପାଖକୁ ଏକ ଫୋନ୍ ଆସେ, ଯେଉଁ ଟ୍ରେନକୁ ବୋମା ପକାଇ ଉଡାଇ ଦେବାକୁ ଯୋଜନା ହୋଇଛି ସେଥିରେ କରନର ପ୍ରେମିକା ଫୁଲିଆ ଗାଁକୁ ଆସୁଛି। ଏହା ଶୁଣିବା ପରେ ଏହି ମିଶନକୁ ବନ୍ଦ କରିବାକୁ ଅନେକ ପ୍ରୟାସ କରେ କରନ୍। ହେଲେ ସେ ସଫଳ ହୋଇପାରେ ନାହିଁ। ଦେଖୁ ଦେଖୁ ବୋମା ବିସ୍ଫୋରଣସହ ଆର୍ତ୍ତ ଚିତ୍କାରରେ ଗଗନପବନ କମ୍ପିଉଠେ। କଳା ମିଚିମିଚି ଅନ୍ଧାରରେ ଫୁଲିଆ ଫୁଲିଆ ଡାକି ଏଣେ ତେଣେ ଦୌଡୁଥାଏ କରନ୍। ହେଲେ ଫୁଲିଆକୁ ସେ ପାଇପାରେ ନାହିଁ। ପରେ କରନ ମାଓବାଦୀ ସଙ୍ଗଠନରୁ ଦୂରେଇ ଯାଏ। ଏଭଳି ଏକ କାହାଣୀକୁ ତୋଳିଧରିଥିଲା ନାଟକ ଭସା ମେଘ। ନାଟକରେ ସଞ୍ଜୟ ନାୟକ ଓ ରବୀନ୍ଦ୍ର ନାୟକ ସଙ୍ଗୀତ ନିର୍ଦ୍ଦେଶନା ଦେଇଥିବା ବେଳେ ଗୀତାଞ୍ଜଳି ସାହୁ ଓ ସାଇ ଶ୍ରେୟାଂଶ ରଥ ମଞ୍ଚ ପରିଚାଳନା କରିଥିଲେ। ସୁବାସ ପାଟ୍ଟଶାଣୀ, ସନ୍ତୋଷ,ବିକାଶ, ଶରତ, କେଳୁଚରଣ, ଯଶସ୍ୱିନୀ, ରାଜ କିଶୋର ପ୍ରମୁଖ କଳାକାରମାନେ ଅଭିନୟ କରିଥିଲେ। ସେହିପରି ବାଲେଶ୍ୱରର ନାଟ୍ୟପ୍ରଭା ଅନୁଷ୍ଠାନର କଳାକାରମାନେ ମଞ୍ଚସ୍ଥ କରିଥିଲେ ନାଟକ କାଳ କୋଠରି। ସୁଶାନ୍ତ ଦାସଙ୍କ ରଚିତ ଏହି ନାଟକରେ ଡ. କୁମାର ଗୋପାଳ ନିର୍ଦ୍ଦେଶନା ଦେଇଥିଲେ। ମଣିଷର ଅନ୍ତିମ ଲକ୍ଷ୍ୟ ସଂସାରର ସମସ୍ତ ମୋହ ମାୟାରୁ ମୁକ୍ତି ପାଇବାକୁ। ହେଲେ ମୁକ୍ତିର ପଥ ଛାଡିବିଭିନ୍ନ କାମନାବାସନାରେ ଲିପ୍ତ ରହିଥାଏ ଲୋଭି ମଣିଷ। ନାଟକର ମୁଖ୍ୟ ଚରିତ୍ର ମୋହଜିତ ନିଜ ଅବଚେତନ ଅବସ୍ଥାରେ ମୋହମାୟାରୁ ମୁକ୍ତି ପାଇଁ ସାଧୁ ଦିଗବିଜୟଙ୍କ ନିକଟରେ ପହଞ୍ଚେ। ମୁକ୍ତି ପାଇବାର ସମସ୍ତ ଜ୍ଞାନ ଗ୍ରହଣ କରିସାରିବା ପରେ ବାହାରି ପଡେ ମୁକ୍ତିର ଦ୍ୱାର ଅତିକ୍ରମ କରିବାକୁ। ମାତ୍ର ସମସ୍ତ ଦ୍ୱାର ଅତିକ୍ରମ କଲା ପରେ ସାମାନ୍ୟ ଲୋଭରେ ସେ ବାନ୍ଧି ହୋଇଯାଏ ଶେଷ ଦ୍ୱାରରେ। ଏବଂ ସେଠାରୁ ଆରମ୍ଭ ହୁଏ ମୋହଗ୍ରସ୍ତ ହେବାର ପ୍ରକ୍ରିୟା। ଏମିତି ଏକ ବିଷୟବସ୍ତୁକୁ ନେଇ ଗତିଶୀଳ ହୋଇଛି ନାଟକ 'କାଳ କୋଠରୀ'। ନାଟକରେ ସଂହିତା ଦାସ ମଞ୍ଚ ପରିଚାଳନା କରିଥିଲେ। ନିର୍ମଳ ରାଉତ ଓ ଶ୍ରୀଧର ପରିଡା ମଞ୍ଚ ସଂଯୋଜନା କରିଥିଲେ। ଚନ୍ଦନ ବେହେରା, ପ୍ରାଣବିନ୍ଦୁ ଦାସ, ଶ୍ୟାମାନନ୍ଦ ଗିରି, ଲକ୍ଷ୍ମୀଧର ରାଉତ, ଭାଗୀରଥି ଜେନା, ବିଜୟ ପଣ୍ଡା, ସ୍ୱାଗତିକା ବେହେରା ପ୍ରମୁଖ କଳାକାରମାନେ ଅଭିନୟ କରିଥିଲେ। ମହୋତ୍ସବର ଏହି ସନ୍ଧ୍ୟାରେ ନାଲ୍‌କୋ ଇଡି ସୁଶୀଲ କୁମାର ପାଢ଼ୀ ମୁଖ୍ୟଅତିଥି ଏବଂ ସମୂହ ମହାପ୍ରବନ୍ଧକ ନିହାର ରଞ୍ଜନ ମହାନ୍ତି ସମ୍ମାନିତ ଅତିଥି ରୂପେ ଯୋଗ ଦେଇଥିଲେ।



ନାଟକ 'ଭସାମେଘ'ର ଏକ ଦୃଶ୍ୟ।

## ସଂକ୍ଷେପରେ

### ଦୁର୍ଘଟଣାରେ ଯୁବକ ମୃତ



ଡାବୁଗାଁ, ୮।୪ (ପ୍ରଜ୍ଞାରଞ୍ଜନ ପରିଡ଼ା)

ନବରଙ୍ଗପୁର ଜିଲା ଡାବୁଗାଁ ଥାନା ଅଧୀନ ଚାଟିଗୁଡ଼ା ଛକ ନିକଟରେ ବାଇକ୍ ଦୁର୍ଘଟଣା ଘଟି ଜଣଙ୍କର ମୃତ୍ୟୁ ହୋଇଛି। ମୃତକ ହେଲେ ଧୋଡ୍ରା ମାଝିଗୁଡ଼ା ଗ୍ରାମର ପଦ୍ମନାଭ ଦାଶ (୨୪)। ରବିବାର ବିଳମ୍ବିତ ରାତିରେ ସେ ନିଜ ବାଇକ୍ (ସିଜି-୦୫ଏଏଲ୍-୯୦୫୩) ଯୋଗେ ଚାଟିଗୁଡ଼ା ଗ୍ରାମକୁ ଆସୁଥିଲେ। ସେହି ସମୟରେ ବିପରୀତ ଦିଗରୁ ଆସୁଥିବା ଅନ୍ୟ ଏକ ବାଇକ୍ (ଓଡି-୧୦ଇ-୫୩୭୫) ସହ ତାଙ୍କର ମୁହାଁମୁହିଁ ହୋଇଥିଲା। ଉଭୟେ ରାସ୍ତାକଡ଼କୁ ପଡିଯାଇଥିଲେ। ଦୁର୍ଘଟଣା ପରେ ଅନ୍ୟ ଚାଳକ ଜଣଙ୍କ ଗାଡ଼ି ଛାଡ଼ି ଘଟଣାସ୍ଥଳରୁ ଫେରାର ହୋଇଯାଇଥିଲେ। ପଦ୍ମନାଭ ଘଟଣାସ୍ଥଳରେ ପଡ଼ି ରହିଥିଲେ। ଉକ୍ତ ରାସ୍ତା ଦେଇ ଯାଉଥିବା ଅନ୍ୟ ଯାତ୍ରୀମାନେ ଆମ୍ବୁଲାନ୍ସ ଯୋଗେ ପଦ୍ମନାଭଙ୍କୁ ଉମରକୋଟ ଡାକ୍ତରଖାନାକୁ ନେଇଥିଲେ। ଖବରପାଇ ଡାବୁଗାଁ ପୋଲିସ ଘଟଣାସ୍ଥଳରେ ପହଞ୍ଚି ଗାଡ଼ିଗୁଡ଼ିକୁ ଜବତ କରିଥିଲେ। ଆହତ ପଦ୍ମନାଭଙ୍କ ଅବସ୍ଥା ଗୁରୁତର ଥିବାରୁ ତାଙ୍କୁ ନବରଙ୍ଗପୁର ଜିଲା ମୁଖ୍ୟ ଚିକିତ୍ସାଳୟକୁ ସ୍ଥାନାନ୍ତର କରାଯାଇଥିଲା। ସେଠାରେ ଚିକିତ୍ସାଧୀନ ଅବସ୍ଥାରେ ତାଙ୍କର ମୃତ୍ୟୁ ହୋଇଛି। ପଦ୍ମନାଭଙ୍କ ପରିବାର ସୋମବାର ଡାବୁଗାଁ ଥାନାରେ ଏତଲା ଦେଇଥିଲେ। ଉକ୍ତ ଏତଲାକୁ ଭିତ୍ତିକରି ଥାନା ଏଏସ୍ଆଇ ଗୋପାଳକୃଷ୍ଣ ହଲୱା ଡାକ୍ତରଖାନାରେ ପହଞ୍ଚି ମୃତଦେହ ଜବତକରି ପଞ୍ଚନାମା ପରେ ବ୍ୟବଚ୍ଛେଦ ପାଇଁ ପଠାଇଥିଲେ। ବ୍ୟବଚ୍ଛେଦ ପରେ ପରିବାରବର୍ଗଙ୍କୁ ମୃତଦେହ ହସ୍ତାନ୍ତର କରାଯାଇଛି। ଏନେଇ ଥାନା କେସ୍ ନଂ. ୯୧/୨୪ରେ ଏକ ମାମଲା ରୁଜୁ କରାଯାଇଛି।

### ତେନ୍ତୁଳିଗଛରୁ ପଡ଼ି ଚାଲିଗଲା ଯୁବକଙ୍କ ଜୀବନ

ଝରିଗାଁ,୮।୪(କିଶୋର ଚନ୍ଦ୍ର ମଣ୍ଡଳ)

ନବରଙ୍ଗପୁର ଜିଲା ଝରିଗାଁ ଥାନା ଅଧୀନ ଧନପୁର ଗ୍ରାମରେ ତେନ୍ତୁଳିଗଛରୁ ପଡ଼ି ଜଣେ ଯୁବକଙ୍କ ମୃତ୍ୟୁ ହୋଇଛି। ମୃତକ ହେଲେ ଧନପୁର ଗ୍ରାମର ରମେଶ ଗଣ୍ଡ। ସୂଚନାନୁଯାୟୀ, ସୋମବାର ସକାଳେ ଘର ପଛପଟେ ଥିବା ଗଛରେ ତେନ୍ତୁଳି ତୋଳିବା ପାଇଁ ରମେଶ ଗଛ ଉପରକୁ ଚଢ଼ିଥିଲେ। ତେନ୍ତୁଳି ଝାଡ଼ିବା ସମୟରେ ଅସାବଧାନତା ଯୋଗୁ ସେ ତଳକୁ ଖସିପଡ଼ି ଥିଲେ। ଗଛ ତଳେ ଥିବା ପୁତୁରା ଗପିନାଥ ଏବଂ ରାମେଶ୍ୱର ରମେଶଙ୍କୁ ଅଚେତ ଅବସ୍ଥାରେ ଘରକୁ ନେଇଥିଲେ। ସେତେବେଳକୁ ତାଙ୍କର ମୃତ୍ୟୁ ହୋଇଯାଇଥିଲା। ଘଟଣା ସମ୍ପର୍କରେ ମୃତ ରମେଶଙ୍କ ପୁଅ ଦେବ ଗଣ୍ଡ ଝରିଗାଁ ଥାନାରେ ଲିଖିତ ଅଭିଯୋଗ କରିଥିଲେ। କେସ୍ ନଂ. ୯/୨୪ରେ ପୋଲିସ ଏକ ଅପମୃତ୍ୟୁ ମାମଲା ରୁଜୁ କରିଛି। ଏଏସ୍ଆଇ କେଦାରନାଥ ରାଉତ ଏବଂ ଅନ୍ୟମାନେ ଘଟଣାସ୍ଥଳରେ ପହଞ୍ଚି ମୃତଦେହ ଜବତ କରିବା ସହ ବ୍ୟବଚ୍ଛେଦ କରାଇ ପରିବାର ଲୋକଙ୍କୁ ହସ୍ତାନ୍ତର କରିଛନ୍ତି।

# ଦାବି ପୂରଣ ନିମନ୍ତେ ଆଖିରେ କଳାପଟି ବାନ୍ଧି ପ୍ରତିବାଦ

**ଜିଲା ଉତ୍କଳ ସାମ୍ବାଦିକ ସଂଘ ସାଧାରଣ ପରିଷଦ ବୈଠକ**

ମାଲକାନଗିରି,୮।୪(ଦୁର୍ଯ୍ୟୋଧନ ପାତ୍ର)

ଉତ୍କଳ ସାମ୍ବାଦିକ ସଂଘ ମାଲକାନଗିରି ଜିଲା ଶାଖା ସାଧାରଣ ପରିଷଦ ବୈଠକ ସ୍ଥାନୀୟ ସ୍ୱାଗତ ହୋଟେଲରେ ଅନୁଷ୍ଠିତ ହୋଇଯାଇଛି। ବୈଠକରେ ସଂଘ ରାଜ୍ୟ ସଭାପତି ବିଭୂତି ଭୂଷଣ କର ସଭାପତିତ୍ୱ କରି ସାମ୍ବାଦିକ ସୁରକ୍ଷା ଆଇନ ପ୍ରଣୟନ, ବୟସ୍କ ଖବରଦାତାଙ୍କୁ ପେନସନ୍, ଅଧିସ୍ୱୀକୃତି କମିଟି ପୁନର୍ଗଠନ ଏବଂ ଜିଲା ଓ ରାଜ୍ୟସ୍ତରରେ ବ୍ୟାପକ ଅଧିସ୍ୱୀକୃତି ପ୍ରଦାନ, ପ୍ରଚଳିତ ସ୍ୱାସ୍ଥ୍ୟବୀମା ଯୋଜନାରେ ମାତାପିତା ଓ ୨୫ ବର୍ଷରୁ ଉର୍ଦ୍ଧ୍ୱ ସନ୍ତାନସନ୍ତତିଙ୍କୁ ସାମିଲ ଓ ପ୍ରେସ୍ ଏକାଡେମୀ ଗଠନ ନେଇ ସଂଘର ଦାବି ସମ୍ପର୍କରେ ଅବଗତ କରାଇବା ସହ ସଂଘ ପକ୍ଷରୁ ସମଗ୍ର ରାଜ୍ୟରେ ପ୍ରତିବାଦ ଜାରି ରହିଛି ବୋଲି କହିଥିଲେ। ରାଜ୍ୟ ସାଧାରଣ ସମ୍ପାଦକ ବେଣୁଧର ପଣ୍ଡା ମୁଖ୍ୟବକ୍ତା ଭାବେ ଯୋଗଦେଇ ଜିଲାରେ ଆନ୍ଦୋଳନକୁ ବ୍ୟାପକ କରିବାକୁ ଆହ୍ୱାନ ଦେଇଥିଲେ। ବୈଠକରେ ଉପରୋକ୍ତ କର୍ମକର୍ତ୍ତା ଓ ସଦସ୍ୟମାନେ ସାମ୍ବାଦିକମାନଙ୍କ ୫ ଦଫା ଦାବିପୂରଣ ନେଇ ସରକାରଙ୍କ



ବୈଠକରେ ଯୋଗଦେଇଥିବା ଖବରଦାତାମାନେ ।

ଅଣଦେଖା ପ୍ରତିବାଦରେ ଆଖିରେ କଳା ପଟି ବାନ୍ଧି ପ୍ରତିବାଦ ପ୍ରଦର୍ଶନ କରିଥିଲେ। ଅନ୍ୟମାନଙ୍କ ମଧ୍ୟରେ ମାଲକାନଗିରି ଶାଖା ସଭାପତି ଦୁର୍ଯ୍ୟୋଧନ ପାତ୍ର, କାର୍ଯ୍ୟକାରୀ ସଭାପତି ଅଶୋକ କୁମାର ମିଶ୍ର, ସାଧାରଣ ସମ୍ପାଦକ ଶ୍ରୀନିବାସ ପାତ୍ର, କାର୍ଯ୍ୟକାରୀ ସଦସ୍ୟ ଶିବଦତ୍ତ ସାହୁ, କୋଷାଧ୍ୟକ୍ଷ ହୃଷୀକେଶ ସେଠୀ, କାର୍ଯ୍ୟାଳୟ ସମ୍ପାଦକ ସତ୍ୟନାରାୟଣ ଦାସ ଓ ଯୁଗ୍ମ ସମ୍ପାଦକ ଅପୂର୍ବ ଥଣ୍ଡର ପ୍ରମୁଖ ଆଲୋଚନାରେ ଭାଗନେଇ ମାଲକାନଗିରି ଜିଲାରେ ଦଳୀୟ ଆଭିମୁଖ୍ୟକୁ ଶକ୍ତିଶାଳୀ କରିବା ପାଇଁ ସଂକଳ୍ପ ନେଇଥିଲେ।

ଏହି ଅବସରରେ ସଂଘର କାର୍ଯ୍ୟଧାରାରେ ଆକୃଷ୍ଟ ହୋଇ ବରିଷ୍ଠ ସାମ୍ବାଦିକ ନୃସିଂହ ଚରଣ ମହାନ୍ତି ଓ ନିରଞ୍ଜନ ମଲ୍ଲ ସଂଘ ସଦସ୍ୟତା ଗ୍ରହଣ କରିଥିଲେ। ସଦର ମହକୁମା ସମେତ ୭ ବ୍ଲକର ୬୦ରୁ ଊର୍ଦ୍ଧ୍ୱ କର୍ମକର୍ତ୍ତା ଓ ସଦସ୍ୟମାନେ ନିଜ ନିଜର ମତ ଦେଇଥିଲେ । ପ୍ରତି ୩ ମାସରେ କାର୍ଯ୍ୟକାରୀ କମିଟି ବୈଠକ ସହ ସପ୍ତାହରେ ଗୋଟିଏ ଦିନ ସଂଘ କାର୍ଯ୍ୟାଳୟରେ ସମସ୍ତ କର୍ମକର୍ତ୍ତା ଓ ସଦସ୍ୟମାନେ ବୈଠକରେ ଏକତ୍ରିତ ହୋଇ ସଂଘ ସାମାଜିକ ଓ ସାଂଗଠନିକ କାର୍ଯ୍ୟକ୍ରମକୁ ରୂପ ଦେବା ପାଇଁ ନିଷ୍ପତ୍ତି ହୋଇଥିଲା। ସଂଘର କାର୍ଯ୍ୟକାରୀ ସଦସ୍ୟ ଭଗବାନ ସାହୁ ଧନ୍ୟବାଦ ଅର୍ପଣ କରିଥିଲେ।

# ବିଜେଡିରେ ମିଶିଲେ ଭାଜପା କର୍ମୀ




ବିଜେଡି ନେତାଙ୍କ ସହ ଦଳରେ ମିଶିଥିବା ନୂତନ କର୍ମୀମାନେ।

ନବରଙ୍ଗପୁର, ୮।୪(ସଦାଶିବ ପ୍ରହରାଜ)

ଭାଜପାର ଅନେକ ନେତା ଓ କର୍ମୀ ସୋମବାର ବିଜେଡିରେ ମିଶିଛନ୍ତି। ନବରଙ୍ଗପୁର ବିଧାନସଭା ନିର୍ବାଚନମଣ୍ଡଳୀ ଅଧୀନ ନନ୍ଦାହାଣ୍ଡି ବ୍ଲକ ମେଣ୍ଡ୍ରି ପଞ୍ଚାୟତ ନାଏବ ସରପଞ୍ଚ ରଶ୍ମିତା ସାହୁ, ସଉରା ସମାଜର ପଞ୍ଚାୟତ ମହିଳା ସଭାପତି ରମ୍ଭା ସଉରା, ପୀତାମ୍ବର ନାୟକ, ଭରତ ସାହୁ, ରାମେଶ୍ୱର ସାହୁଙ୍କ ସହ ୨୦ ଜଣ ଭାଜପା କର୍ମୀ ବିଜେଡିରେ ଯୋଗ ଦେଇଥିଲେ। ଏହି ଅବସରରେ ନବରଙ୍ଗପୁର ବିଧାନସଭା ମଣ୍ଡଳୀ ବିଜେଡି କାର୍ଯ୍ୟାଳୟରେ ବିଧାୟକ ସଦାଶିବ ପ୍ରଧାନୀ, ବିଜେଡି ବିଧାୟକ ପ୍ରାର୍ଥୀ କୌଶଲ୍ୟା ପ୍ରଧାନୀ, ଜିଲା ବିଜେଡି ଉପସଭାପତି ରବି ପଟ୍ଟନାୟକ, ନନ୍ଦାହାଣ୍ଡି ବ୍ଲକ ସଭାପତି ଦୟା ବିଷୋୟୀ, ଜିଲା ପରିଷଦ ସଭ୍ୟ ଅରୁଣ ମିଶ୍ର, ନବରଙ୍ଗପୁର ପୌରାଧ୍ୟକ୍ଷା ସୌମ୍ୟା ମହାପାତ୍ର, ନଗର ସଭାପତି ପ୍ରମୋଦ ରଥ, କୋରାପୁଟ ଜିଲା ଜୋନ୍ ଯୁବ ଜନତା ଦଳର ସଭାପତି ତାପସ ତ୍ରିପାଠୀ, ବରିଷ୍ଠ ନେତା ସୁନୀଲ ସାହୁ, ଜିଲା ସମ୍ପାଦକ ପୂର୍ଣ୍ଣଚନ୍ଦ୍ର ମହାପାତ୍ର, ଭୀମ ହରିଜନ, କାଉନସିଲର ନଗେନ୍ଦ୍ର ପଟ୍ଟନାୟକ, ଅଲେଖ ସୌରା, କେଶବ ରାଜୁ, କୁନା ପଣ୍ଡା, ରାଜା ରେଡ୍ଡୀ, କୁନା ପାଢୀ, ନନ୍ଦ ନାୟକ, ନଗର ଯୁବ ସଭାପତି ସୂର୍ଯ୍ୟକାନ୍ତ ଲେଙ୍କା, ଆଶିଷ ଖଣ୍ଡପାନ, ସଞ୍ଜୟ ନାୟକ, ଏମ୍.ବାଲାଜୀ ପ୍ରମୁଖ ଉପସ୍ଥିତ ଥିଲେ।

# ୧୦୮ କେଜି ଗଞ୍ଜେଇ ଜବତ, ଜଣେ ଗିରଫ

ମାଲକାନଗିରି,୮।୪(ଦୁର୍ଯ୍ୟୋଧନ ପାତ୍ର)

ମାଲକାନଗିରି ଜିଲା ଅବକାରୀ ବିଭାଗ ଗଞ୍ଜେଇ ଜବତ କରିବା ସହ ଏଥିରେ ସମ୍ପୃକ୍ତ ଜଣଙ୍କୁ ଗିରଫ କରାଯାଇଛି। ସୋମବାର ସକାଳେ ମାଲକାନଗିରି ଜିଲା ଅବକାରୀ ଅଧୀକ୍ଷକ ବିଦ୍ୟାଧର ପଣ୍ଡାଙ୍କ ନିର୍ଦ୍ଦେଶ କ୍ରମେ ମାଥିଲି ଅବକାରୀ ଓଆଇସି ପ୍ରଭାକର ସେଠୀ ଗୋବିନ୍ଦପାଲ୍ଲୀ ହାଟପଦାସାହି ଛକରେ ପାଟ୍ରୋଲିଂ କରୁଥିବା ସମୟରେ ଏକ ବୋଲେରୋ ଦ୍ରୁତଗତିରେ ଆସୁଥିବା ଦେଖିଥିଲେ। ଉକ୍ତ



ଜବତ ଗଞ୍ଜେଇ ସହ ଗିରଫ ଅଭିଯୁକ୍ତ ।

ଗାଡିକୁ ଅଟକାଇ ଯାଞ୍ଚ କରିବାରୁ ସେଥିରେ ଗଞ୍ଜେଇ ଥିବା ଜାଣି ଗାଡିସହ ଚାଳକଙ୍କୁ ଗିରଫ କରିଥିଲେ। ଗାଡିରେ ୧୦୮ କେଜି ଗଞ୍ଜେଇ ଥିବା ବେଳେ ଚାଳକ ଜଣକ ମାଥିଲି ଥାନା ବଡଡୁରାଲ ଗ୍ରାମର ଜୟରାମ ହନ୍ତାଳ ବୋଲି ଜଣାପଡିଛି। ଅଭିଯୁକ୍ତଙ୍କୁ ସୋମବାର କୋର୍ଟ ଚାଲାଣ କରାଯାଇଥିବା ଅବକାରୀ ବିଭାଗ ତରଫରୁ ସୂଚନା ଦିଆଯାଇଛି। ଚଢାଉରେ ଏଏସ୍ଆଇ ସୁରେନ୍ଦ୍ର ମାଝି, କନଷ୍ଟେବଲ କାହ୍ନୁଚରଣ ମଲ୍ଲିକ, ପ୍ରଭାତ କୁମାର ସାହୁ ଓ ନିତ୍ୟରଞ୍ଜନ ତାଣ୍ଡି ପ୍ରମୁଖ ଉପସ୍ଥିତ ଥିଲେ।

# ଜଳୁଛି ଶଳପ କୁପୁଳି : ନାକେଦମ ହେଲେଣି ବନ କର୍ମଚାରୀ

ମାଥିଲି,୮।୪(ସୁବାସ ଚନ୍ଦ୍ର ଖୁଡୁପିଆ)

ମାଲକାନଗିରି ଜିଲା ମାଥିଲି ବ୍ଲକ ଶଳପ କୁପୁଳିରେ କେହି ଦୁର୍ବୃତ୍ତ ନିଆଁ ଲଗାଇ ଦେବାରୁ ତାହା ଜଳୁଛି । ଫଳରେ ବନକର୍ମଚାରୀ ନିଆଁ ଲିଭାଇବାକୁ ନାକେଦମ ହେଲେଣି । ମହୁଲ ଗୋଟାଇବା ଲାଗି ନିଆଁ ଲଗାଯାଉଥିବା ଜଣାପଡିଛି। ଫଳରେ ଜିଲାର ବିଭିନ୍ନ ଅଞ୍ଚଳରେ ଏଥିଯୋଗୁ ତାପମାତ୍ରା ବୃଦ୍ଧି ପାଉଛି।

ଖରାଯୋଗୁ ଜଙ୍ଗଲ ଗଛଲତା ଏବେ ଶୁଖି ଯାଉଛି। ଲୋକେ ଜଙ୍ଗଲକୁ ବିଭିନ୍ନ ସମୟରେ ଯାଉଥିବା ବେଳେ ଆସିଲା ବେଳକୁ ନିଆଁ ଲଗାଇ ଦେଉଛନ୍ତି । ଫଳରେ ଅନେକ ମୂଲ୍ୟବାନ ଗଛ ଜଳି ନଷ୍ଟ ହୋଇଯାଉଛି । ଏନେଇ ବନବିଭାଗ ଗାଁ ଲୋକଙ୍କୁ ନିଆଁ ନ ଲଗେଇବାକୁ ବାରଣ କରିବା ସହ ଏହା ହେଲେ କି କି ଅସୁବିଧା ହେବ ସେନେଇ ସଚେତନ କରାଉଥିଲେ ମଧ୍ୟ ଲୋକେ ତାହା ଭୁଲି ପୁଣି ନିଆଁ ଲଗାଉଛନ୍ତି।

ନିଆଁ ଲିଭାଇବା ପାଇଁ ମାଥିଲି ବନ କର୍ମଚାରୀ ନାକେଦମ ହେଲେଣି । ରାତିତମାମ ଜଙ୍ଗଲରେ ନିଆଁ ହୁତୁ ହୁତୁ ହୋଇ ଜଳୁଥିବା ବେଳେ କେଉଁ ସ୍ଥାନକୁ ଯାଇ ନିଆଁ ଲିଭାଇବେ ତାହା ସମସ୍ୟା ହେଉଛି । ଜିଲାର ଏବେ ସମସ୍ତ ବନାଞ୍ଚଳରେ ଜଙ୍ଗଲ ଜଳୁଛି। ଜନ ଜୀବନ ଅସ୍ତବ୍ୟସ୍ତ ହେଲାଣି ଲୋକେ ଘରୁ ପଦାକୁ ବାହାରିବା କଷ୍ଟକର ହୋଇପଡୁଛି । ସେପଟେ ଜଙ୍ଗଲ ଜଳୁଥିବା ବେଳେ ଦିନରେ ସହରରେ ଗ୍ରୀଷ୍ମ ପ୍ରବାହରେ ନିଆଁ ବାହାରୁଛି। ୧୦ଟା ପରେ ଲୋକେ ଘରୁ ବାହାରକୁ ବାହାରୁ ନାହାନ୍ତି। ଦୋକାନ ବଜାର ମଧ୍ୟ ଏକ ପ୍ରକାର ବନ୍ଦ ହୋଇଯାଉଛି ।



ଜଙ୍ଗଲରେ ଲାଗିଥିବା ନିଆଁ ।

### ପୋଖରୀରେ ବୁଡ଼ି ଜଣଙ୍କର ମୃତ୍ୟୁ

ମାଲକାନଗିରି,୮।୪(ଦୁର୍ଯ୍ୟୋଧନ ପାତ୍ର)

ମାଲକାନଗିରି ଜିଲା ମାଥିଲି ଥାନା ଦଳପତିଗୁଡା ପଞ୍ଚାୟତ ସୁନାବେଢା ଗ୍ରାମର ଭଗବାନ ଦୋରା(୪୫) ଗାଁ ମୁଣ୍ଡ ପୋଖରୀକୁ ସ୍ନାନ କରିବାକୁ ଯାଇ ସେଠାରେ ଗଭୀର ଜଳରେ ବୁଡ଼ି ପ୍ରାଣ ହରାଇଛନ୍ତି। ତେବେ ଦୀର୍ଘ ସମୟ ଯାଏ ଘରକୁ ନ ଫେରିବାରୁ ଲୋକେ ଓ ଗ୍ରାମବାସୀ ବହୁତ ଖୋଜାଖୋଜି କରି ନ ପାଇବାରୁ ବାଧହୋଇ ଥାନା ଓ ଅଗ୍ନିଶମ ବିଭାଗକୁ ଫୋନ କରିଥିଲେ। ମାଥିଲି ଅଗ୍ନିଶମ କର୍ମଚାରୀ ପହଞ୍ଚି ପୋଖରୀରେ ଖୋଜା ଖୋଜି କରି ଦୀର୍ଘ ସମୟପରେ ଭଗବାନଙ୍କ ମୃତଦେହ ଉଦ୍ଧାର କରିଥିଲେ। ପୋଲିସ ମୃତଦେହ ଜବତ କରି ମାଥିଲି ମେଡିକାଲରେ ବ୍ୟବଚ୍ଛେଦ କରି ପରିବାର ଲୋକଙ୍କୁ ହସ୍ତାନ୍ତର କରିଥିବା ଥାନା ଅଧିକାରୀ ଦେବଦତ୍ତ ମଲ୍ଲିକ ସୂଚନା ଦେଇଛନ୍ତି ।

### ଚୋରି ମାମଲାରେ ଜଣେ ଗିରଫ

ଜୟପୁର, ୮।୪ (ପବନ ପାଣିଗ୍ରାହୀ)

ଏକ ଚୋରି ମାମଲାରେ ଟାଉନଥାନା ପୋଲିସ ସୋମବାର ଜଣେ ଅଭିଯୁକ୍ତଙ୍କୁ ଗିରଫ କରି କୋର୍ଟଚାଲାଣ କରିଛି। ସେ ହେଲେ କାଉ ଡମସାହିର ଛୋଟୁ ଗରଡା (୨୫)। ଜିଏସ୍ଟି ଅଫିସରୁ ଚୋରି ହୋଇଥିବା ନେଇ ଟାଉନ ଥାନାରେ ଅଭିଯୋଗ ହୋଇଥିଲା। ଏହାକୁ ଭିତ୍ତି କରି ପୋଲିସ ମାମଲା ରୁଜୁ କରି ତଦନ୍ତ ଆରମ୍ଭ କରିଥିଲା। ତଦନ୍ତରୁ ଛୋଟୁଙ୍କ ସମ୍ପୃକ୍ତି ଥିବା ଜାଣିତାଙ୍କୁ ଗିରଫ କରିଛି। ତାଙ୍କଠାରୁ ଚୋରି ସାମଗ୍ରୀ ଜବତ ହୋଇଛି। ଅଭିଯୁକ୍ତଙ୍କୁ କୋର୍ଟଚାଲାଣ କରାଯାଇଥିବା ଥାନା ଅଧିକାରୀ ରମଣି ରଞ୍ଜନ ଦଳେଇ କହିଛନ୍ତି ।

# ଜୟପୁର ଆକାଶବାଣୀର ପ୍ରଥମ ମହିଳା ଗୀତିକାରଙ୍କ ସ୍ମୃତିସଭା

ନବରଙ୍ଗପୁର,୮।୪ (ସଦାଶିବ ପ୍ରହରାଜ)

ଓଡ଼ିଶାର ପୂର୍ବତନ ମୁଖ୍ୟମନ୍ତ୍ରୀ ଡ. ସଦାଶିବ ତ୍ରିପାଠୀଙ୍କ ବଡ଼ ନାତୁଣୀ ତଥା ଶକୁନ୍ତଳା ଓ ଶରତ ଚନ୍ଦ୍ର ତ୍ରିପାଠୀଙ୍କ ଝିଅ କବୟିତ୍ରୀ ସଂଯୁକ୍ତା ତ୍ରିପାଠୀଙ୍କ ବିୟୋଗରେ ନବରଙ୍ଗପୁର ସାଇ କେୟାର ଶିକ୍ଷାନୁଷ୍ଠାନରେ ଏକ ଶ୍ରଦ୍ଧାଞ୍ଜଳି ସଭା କରାଯାଇଛି। ସେ ଜଣେ ଆଦର୍ଶ ଶିକ୍ଷୟିତ୍ରୀ, ଆକାଶବାଣୀ ଜୟପୁରର ପ୍ରଥମ ମହିଳା ଗୀତିକାର, ଲେଖିକା ତଥା ଜଣେ ଜ୍ୟୋତିର୍ବିଦ୍ୟା ବିଶାରଦ ଥିଲେ। ଭାଗୀରଥି ପାତ୍ର ସ୍ମୃତି ସଂସଦ ଓ ଅଇଲି ବୋଲା ସାଂସ୍କୃତିକ ପରିଷଦର ମିଳିତ ଆନୁକୂଲ୍ୟରେ ଅନୁଷ୍ଠିତ କାର୍ଯ୍ୟକ୍ରମରେ ବରିଷ୍ଠ କବି ନାରାୟଣ ପଣ୍ଡା ଅଧ୍ୟକ୍ଷତା କରିଥିଲେ। ସଞ୍ଜୁକ୍ତାଙ୍କ ପରିବାରର ସଦସ୍ୟ ଆଦିତ୍ୟ ବିକ୍ରମ ତ୍ରିପାଠୀ ମଞ୍ଚାସୀନ ଥିଲେ। ରାମ ପ୍ରସାଦ ପାତ୍ର ପ୍ରାକ୍ ସୂଚନା ଦେଇଥିଲେ। ସଞ୍ଜୁକ୍ତାଙ୍କ ଫଟୋଚିତ୍ରରେ ପୁଷ୍ପମାଲ୍ୟ ଅର୍ପଣ ସହ ଅମର ଆତ୍ମାର ସଦଗତି କାମନା ନିମନ୍ତେ ନୀରବ ପ୍ରାର୍ଥନା କରାଯାଇଥିଲା। ତାଙ୍କ ରଚିତ ଗଣେଶ ବନ୍ଦନାକୁ କଣ୍ଠଶିଳ୍ପୀ ଟି. ନିବେଦିତା ଓ ଶ୍ରୀକୃଷ୍ଣ ଭଜନ କଣ୍ଠଶିଳ୍ପୀ କସ୍ତୁରୀ ରଥ ପରିବେଷଣ କରିଥିଲେ। ସଂଯୁକ୍ତା ତ୍ରିପାଠୀଙ୍କ ନିଜସ୍ୱ ରଚିତ ଗୀତିକବିତା ସଂକଳନ 'ସ୍ୱର୍ଗାଦପୀ ଗରୀୟସୀ' ଲୋକାର୍ପିତ କରାଯାଇଛି। ଉପସ୍ଥିତ ସମସ୍ତ କବି, କବୟିତ୍ରୀ ଓ ସଞ୍ଜୁକ୍ତା ତ୍ରିପାଠୀଙ୍କ ଆତ୍ମୀୟଙ୍କୁ ଉତ୍ତରୀୟ ପ୍ରଦାନ କରାଯାଇଥିଲା। ମୁନ୍ନା ତ୍ରିପାଠୀ, ଡ. ବିଜୟ ମିଶ୍ର, ହର ପ୍ରସାଦ ଦାଶ, ନିରଞ୍ଜନ ମିଶ୍ର, ବିଜୟ ଚୌଧୁରୀ, ଜଗଦୀଶ ଚନ୍ଦ୍ର ତ୍ରିପାଠୀ ପ୍ରମୁଖ ସ୍ମୃତିଚାରଣ କରିଥିଲେ। ସଞ୍ଜୁକ୍ତାଙ୍କ ସ୍ମୃତିରେ ଲେଖିଥିବା କବିତାଗୁଡ଼ିକୁ ବାସନ୍ତୀଲତା ଜେନା, ପି. ରବିକାନ୍ତ ରଘୁରାମ, ରୀତା ମହାନ୍ତି, ସୁଶୋଭିତା ମେରଲିନ ଡୁରୁକ, ପ୍ରଭଞ୍ଜନ ତ୍ରିପାଠୀ ପାଠ କରିଥିଲେ। ଦୁର୍ଗା ପ୍ରସାଦ ପାଢ଼ୀ ମଞ୍ଚ ପରିଚାଳନା କରିଥିଲେ। କାର୍ଯ୍ୟକ୍ରମ ପରିଚାଳନାରେ ସ୍ୱର୍ଣ୍ଣଲତା ପଟ୍ଟନାୟକ, ତ୍ରିପତି ବାଲାଜୀ ସାହୁ, ପ୍ରଭଞ୍ଜନ ତ୍ରିପାଠୀ, ପି. ରବିକାନ୍ତ ରଘୁରାମ ଓ ସାଇ କେୟାର ଶିକ୍ଷାନୁଷ୍ଠାନ ଛାତ୍ରୀଛାତ୍ର ସହଯୋଗ କରିଥିଲେ।




# ମନ ଦେଇ ପଢ଼ିବା, ଶୃଙ୍ଖଳାରେ ରହିବା

**ଡାବୁଗାଁ ବାଳିକା ଉଚ୍ଚ ବିଦ୍ୟାଳୟରେ ନୂତନ ଛାତ୍ରୀଙ୍କୁ ସ୍ୱାଗତ**

ଡାବୁଗାଁ, ୮।୪ (ପ୍ରଜ୍ଞାରଞ୍ଜନ ପରିଡ଼ା)

ନବରଙ୍ଗପୁର ଜିଲା ଡାବୁଗାଁ ବ୍ଲକ ଅଧୀନ ସରକାରୀ(ଏସ୍ଏସ୍ଡି) ବାଳିକା ଉଚ୍ଚ ବିଦ୍ୟାଳୟରେ ନୂତନ ଭାବେ ୬ଷ୍ଠ ଶ୍ରେଣୀରେ ନାମ ଲେଖାଇଥିବା ୬୫ରୁ ଉର୍ଦ୍ଧ୍ୱ ଛାତ୍ରୀଙ୍କୁ ସୋମବାର ସ୍ୱାଗତ କରାଯାଇଛି। ୭ମରୁ ୧୦ମ ଶ୍ରେଣୀର ଛାତ୍ରୀମାନେ ଝୋଟି ମୁରୁଜ ପକାଇ ଶୁଭ କଳସ ସ୍ଥାପନ କରି ନୂଆ ପିଲାମାନଙ୍କୁ ସ୍ୱାଗତ କରିଥିଲେ। ଫୁଲ,ଚନ୍ଦନ ଦେଇ ବନ୍ଦାପନାକରି ସଭାଗୃହକୁ ସେମାନଙ୍କୁ ପାଛୋଟି ନେଇଥିଲେ। ପ୍ରଧାନ ଶିକ୍ଷୟିତ୍ରୀ ସଂଯୁକ୍ତା ଦାସ ଛାତ୍ରୀମାନଙ୍କୁ ମନ ଦେଇ ପାଠ ପଢ଼ିବା ଓ ବିଦ୍ୟାଳୟରେ ଶୃଙ୍ଖଳିତ ହୋଇ ରହିବାକୁ ଉପଦେଶ ଦେଇଥିଲେ। ପାଠ ଶିଖିଲେ ନିଜର, ବିଦ୍ୟାଳୟର, ପରିବାରର ଏବଂ ଦେଶର ଉନ୍ନତି ହୋଇପାରିବ ବୋଲି ସେ କହିଥିଲେ। ଶେଷରେ ପିଲାମାନଙ୍କୁ ଉପହାର ସହ ଚକୋଲେଟ ଦିଆଯାଇଥିଲା। ପିଲାମାନେ ପ୍ଲାଏ କାର୍ଡ ଓ ବ୍ୟାନର ଧରି ନାମଲେଖା ସ୍ଲୋଗାନ ଦେଇଥିଲେ। କାର୍ଯ୍ୟକ୍ରମରେ ଶିକ୍ଷୟିତ୍ରୀ ଆରତୀ ବିଷୋୟୀ, ରଶ୍ମିରାଣୀ ପଣ୍ଡା, ରଶ୍ମୀ ରଞ୍ଜିତା ନାୟକ, କେ. ଦମୟନ୍ତୀ ଦୋରା, ସୁନାମଣି ପୂଜାରୀ, ବିନିତା ଠାକୁର, ସୁପ୍ରିୟା ମହାକୁଡ, ମୋନାଲିସା ପରିଡ଼ା, କଳ୍ପନା ଉଥାନସିଂ, ସୁଦେଷ୍ଣା ଜଡି, ଶିକ୍ଷକ ସୌମ୍ୟରଞ୍ଜନ ନାୟକ, ଜ୍ଞାନରଞ୍ଜନ ବେହେରା ଓ ବିଦ୍ୟାଳୟର ସମସ୍ତ ଛାତ୍ରୀଛାତ୍ର ଉପସ୍ଥିତ ଥିଲେ। କାର୍ଯ୍ୟକ୍ରମକୁ ଶିକ୍ଷକ ମହେଶ୍ୱର ନାଥ ପରିଚାଳନା କରିଥିଲେ।



ପ୍ରଧାନ ଶିକ୍ଷୟିତ୍ରୀ ଛାତ୍ରୀମାନଙ୍କୁ ଉପହାର ଦେଉଛନ୍ତି।

# ଟାଙ୍କି ଅଛି, ପାଣି ନାହିଁ

ତେନ୍ତୁଳିଖୁଣ୍ଟି, ୮।୪(ଚିଦାନନ୍ଦ ସାହୁ)



- ଖାତିଗୁଡ଼ା, ପରଜାବାରଙ୍ଗପଦରରେ ଫେଲ୍ ମାରିଛି ବସୁଧା ଯୋଜନା
- ସମସ୍ୟା ଜଣାଇବା ପରେ ମଧ ସମାଧାନ ହେଉ ନଥିବା ଅଭିଯୋଗ
- ଟ୍ୟାଙ୍କର ଯୋଗେ ପାଣି ଯୋଗାଇବା ଦାବି

ନବରଙ୍ଗପୁର ଜିଲା ତେନ୍ତୁଳିଖୁଣ୍ଟି ବ୍ଲକ ଖାତିଗୁଡ଼ାରେ ବସୁଧା ଯୋଜନାରେ ପମ୍ପ ହାଉସ ଗୃହ ଅଛି। ୨ଟି ମୋଟର ଲାଗିଛି। ଓଭର ହେଡ୍ ଟାଙ୍କି ଅଛି। କିନ୍ତୁ ଟ୍ୟାପରେ ପାଣି ନାହିଁ। ପାନୀୟ ଜଳ ସମସ୍ୟା ସମ୍ପର୍କରେ ବାରମ୍ବାର ଅଭିଯୋଗ କରିବା ପରେ ୨ଟି ପର୍ଯ୍ୟାୟରେ ଅର୍ଥ ବ୍ୟୟ କରି ଗ୍ରାମ୍ୟ ଜଳ ଯୋଗାଣ ଓ ପରିମଳ ବିଭାଗ ଏହି ସବୁ ନିର୍ମାଣ ଗ୍ରାମ କରିଛି। କିନ୍ତୁ ଫଳ ଶୂନ। ଖାତିଗୁଡା ଗ୍ରାମର କୌଣସି ଟ୍ୟାପରେ ପାଣି ବାହାରୁ ନ ଥିବା ଗ୍ରାମବାସୀ ଅଭିଯୋଗ କରିଛନ୍ତି।

ନବରଙ୍ଗପୁର ଜିଲା ତେନ୍ତୁଳିଖୁଣ୍ଟି ବ୍ଲକ ଖାତିଗୁଡାରେ ଗ୍ରାମ୍ୟ ଜଳଯୋଗାଣ ଓ ପରିମଳ ବିଭାଗ ପକ୍ଷରୁ ବସୁଧା ଯୋଜନାରେ ପମ୍ପ ହାଉସ ଗୃହ ନିର୍ମାଣ କରାଯାଇଛି। ମୋଟର ଲାଗିବା ସହ ଓଭର ହେଡ୍ ଟାଙ୍କି ମଧ୍ୟ ରହିଛି। ପାଣି ଟାଙ୍କି ଅଛି, ମୋଟର ଚାଲୁଛି, ମୋଟର ଚାଳକ ନିଯୁକ୍ତ ଅଛନ୍ତି କିନ୍ତୁ କୌଣସି ସ୍ଥାନରେ ପାଣି ବାହାରୁନାହିଁ। ବ୍ଲକର ବାରଙ୍ଗପଦର, ଖାତିଗୁଡ଼ା ଗ୍ରାମରେ ବସୁଧା ଯୋଜନା ଆଣ୍ଟେଇଛି। ବର୍ଷ ତମାମ ଜଳକଷ୍ଟ ଦେଖିବାକୁ ମିଳିଛି ଏହି ଦୁଇ ଗ୍ରାମରେ। ଟୋପେ ପିଇବା ପାଣି ଲାଗି ଗାଁ ଲୋକେ କଲବଲ ହେଉଛନ୍ତି। ଏବେ ପ୍ରଚଣ୍ଡ ରୌଦ୍ରତାପ ସହ ଉତ୍କଟ ପାନୀୟ ଜଳ ସମସ୍ୟାରେ ଅଞ୍ଚଳବାସୀ ଛଟପଟ ହେଉଛନ୍ତି। ପରଜାବାରଙ୍ଗପଦର ପଞ୍ଚାୟତ ଖାତିଗୁଡା ଉପର ଶିବ ମନ୍ଦିର ନିକଟରେ ଥିବା ପାଣି ଟାଙ୍କି ଦୀର୍ଘ ବର୍ଷ ହେଲା ଅଚଳ ହୋଇପଡ଼ିଛି। ବହୁ ଦିନ ଅଚଳ ରହିବା ଦ୍ୱାରା ଭିତରେ ଅନାବନା ଗଛ ମାଡ଼ିବା ସହ ବିଷାକ୍ତ କୀଟ ବସା ବାନ୍ଧିଥିବା ଓ କିଛି ମରି ପଡିଥିବା ଦେଖିବାକୁ ମିଳୁଛି। ଲକ୍ଷାଧିକ ଟଙ୍କାରେ ନିର୍ମାଣ ଏହି ପାଣି ଟାଙ୍କି କୌଣସି କାମରେ ଆସୁନି। ଏନେଇ ସ୍ଥାନୀୟ ବାସିନ୍ଦା ଜିଲାପାଳଙ୍କ ଅଭିଯୋଗ ଶୁଣାଣି ଶିବିର, ସ୍ଥାନୀୟ ଜନପ୍ରତିନିଧି, ବିଭାଗୀୟ ଅଧିକାରୀ ଓ ଯନ୍ତ୍ରୀଙ୍କୁ ବାରମ୍ବାର ଅଭିଯୋଗ କରିଥିଲେ ମଧ କିଛି ସୁଫଳ ମିଳୁନି। ଯାହାକୁ ନେଇ ଅସନ୍ତୋଷ ବଢ଼ିବାରେ ଲାଗିଛି। ଘରେ ଘରେ ବିଶୁଦ୍ଧ ପିଇବା ପାଣି ଯୋଗାଇବାକୁ ସରକାର ଅନେକ ପଦକ୍ଷେପ ନେଇଛନ୍ତି। ଅନେକ ସ୍ଥାନରେ ବସୁଧା ଯୋଜନାରେ ପାଣି ଟାଙ୍କି ନିର୍ମାଣ କରାଯାଇଛି। ହେଲେ ଏହା କିଭଳି ଭାବେ କାର୍ଯ୍ୟକାରୀ ହେଉଛି ତାହାକୁ ତଦାରଖ କରାଯାଉନି ବୋଲି ଗ୍ରାମବାସୀ ଅଭିଯୋଗ କରିଛନ୍ତି। ବର୍ତ୍ତମାନ ଗ୍ରୀଷ୍ମ ପ୍ରବାହ ବୃଦ୍ଧି ପାଉଥିବା ବେଳେ ଟ୍ୟାଙ୍କର ଜରିଆରେ ପାନୀୟ ଜଳ ଯୋଗାଇ ଦେବାକୁ ଦାବି ହୋଇଛି। ଏ ନେଇ ଗ୍ରାମ୍ୟ ଜଳ ଯୋଗାଣ ଓ ପରିମଳ ବିଭାଗ କନିଷ୍ଠ ଯନ୍ତ୍ରୀ ଦୁଷ୍ମନ୍ତ ବାରିକଙ୍କୁ ପଚାରିବାରୁ ସେ ଅଭିଯୋଗକୁ ଖଣ୍ଡନ କରିଛନ୍ତି। ଗ୍ରାମବାସୀଙ୍କ ଅଭିଯୋଗ ପାଇ କିଛିଦିନ ତଳେ ଖାତିଗୁଡ଼ାକୁ ଯାଇଥିବାବେଳେ ସେଠାରେ କିନ୍ତୁ ବସୁଧା ଯୋଜନା ପ୍ରକଳ୍ପ ଠିକ୍ ଚାଲିଥିଲା ବୋଲି ସେ କହିଛନ୍ତି। ଘଟଣା ସମ୍ପର୍କରେ ବିଡିଓ ମନୋଜ କୁମାର ପାଣିଗ୍ରାହୀଙ୍କୁ ପଚାରିବାରୁ କନିଷ୍ଠ ଯନ୍ତ୍ରୀଙ୍କୁ ପୁଣି ଥରେ ଗାଁକୁ ପଠାଇ ସ୍ଥିତି ଅନୁଧ୍ୟାନ କରାଯିବ। ସମସ୍ୟା ଥିଲେ ସମାଧାନ ପାଇଁ ପଦକ୍ଷେପ ନିଆଯିବ ବୋଲି ସେ କହିଛନ୍ତି।

